**ସଂକ୍ଷେପରେ**

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

**ବ୍ରହ୍ମପୁର ଅଫିସ,୮।୬:** ସୁଇଚ ମାରି ଫ୍ୟାନ ଲଗାଇବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଶାନ୍ତିନଗରର ଅମୂଲ୍ୟ ବିଶ୍ୱାଳ (୫୦)। ପୋଲିସ ମୃତଦେହ ଜବତ କରି ନଂ. ୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।
ପ୍ରକାଶ ଯେ, ଅମୂଲ୍ୟ ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଖାଇ ସାରି ଶୋଇବା ପାଇଁ ତାଙ୍କ ରୁମକୁ ଯାଇଥିଲେ । ସେ ଫ୍ୟାନ ସୁଇଚ ମାରିବା ବେଳେ ଆକସ୍ମିକ ଭାବେ ବିଦ୍ୟୁତ ସଂସ୍ପର୍ଶରେ ଆସି ଚିତ୍କାର କରିଥିଲେ । ଘର ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ

## ଫେଡେରେଶନ୍ କପ୍‌ରେ ରେଫ୍‌ରି ହେବେ ରାଜ୍



**ବ୍ରହ୍ମପୁର ଅଫିସ୍,୮।୬:** ଆସନ୍ତା ୧୨ରୁ ୧୬ତାରିଖ ପର୍ଯ୍ୟନ୍ତ ଗ୍ରେଟର୍ ନୋଏଡ଼ା ଗୌତମ ବୁଦ୍ଧ ବିଶ୍ୱ ବିଦ୍ୟାଳୟ୍ ପରିସରରେ ୩୩ତମ ଫେଡେରେଶନ୍ କପ୍ ଜାତୀୟ୍ ବାସ୍କେଟବଲ୍ ଚାମ୍ପିୟନ୍‌ଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ରେଫରି ହେବା ପାଇଁ ମନୋନୀତ ହୋଇଛନ୍ତି ଆନ୍ତର୍ଜାତୀୟ୍ ରେଫ୍‌ରି ରାଜ୍ ନାରାୟଣ ପାତ୍ର। ଓଡ଼ିଶାର ମାତ୍ର ଦୁଇଜଣ ରେଫରି ଏହି ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ରାଜ୍‌ଙ୍କ ସହ ସଂଗ୍ରାମ ନାୟକ ମଧ୍ୟ ରେଫରି ଦାୟିତ୍ୱରେ ରହିବେ। ଜାତୀୟ୍‌ସ୍ତରୀୟ୍ ଏହି ବରିଷ୍ଠ ଖେଳାଳିଙ୍କ ପ୍ରତିଯୋଗିତାରେ ରାଜ୍‌ଙ୍କୁ ରେଫ୍‌ରି ଦାୟିତ୍ୱ ମିଳିବା ପରେ ବ୍ରହ୍ମପୁରର ବାସ୍କେଟବଲ୍ ଖେଳାଳିଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ରାଜ୍‌ଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି ।

## ମହିଳାଙ୍କୁ ପ୍ରତାରଣା, କୋର୍ଟରେ ବୟାନ ରେକର୍ଡ

**ବ୍ରହ୍ମପୁର ଅଫିସ,୮।୬:** ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଦୈହିକ ସମ୍ପର୍କ ରଖିବା ସହ ପ୍ରତାରଣା କରିଥିବା ନେଇ ଟାଉନ ଥାନାରେ ଶନିବାର ଅଭିଯୋଗ ହୋଇଛି। ପୋଲିସ ଧାରା ୧୬୧ରେ ମହିଳାଙ୍କ ବୟାନ ରେକର୍ଡ କରି ସାରିଥିବା ବେଳେ ଧାରା ୧୬୪ ରେ ଏସ୍‌ଡିଜେଏମ ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ଏସ୍‌କେ ଆଚାର୍ଯ୍ୟଙ୍କ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଯାଇଛି।
ପ୍ରକାଶ ଯେ, ଜଣେ ବିବାହିତା ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ସମ୍ପର୍କ ରଖିବା ଓ ପରେ ଶେଷରେ ପ୍ରତାରଣା କରିଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ । ନ୍ୟାୟ ନ ମିଳିବାରୁ ସେ କୋର୍ଟର ଆଶ୍ରୟ ନେଇଥିଲେ । କୋର୍ଟ ନିର୍ଦ୍ଦେଶକ୍ରମେ ପରେ ଏନେଇ ଥାନାରେ ମାମଲା ରୁଜୁ ହୋଇଥିଲା । ମହିଳା ଜଣଙ୍କ ଏବେ ସ୍ୱାମୀଙ୍କଠାରୁ ଅଲଗା ରହୁଛନ୍ତି ।

## ଚାରୁବାଳା ରଥଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବ୍ରହ୍ମପୁର ଅଫିସ,୮।୬:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ରଥଙ୍କ ମାତା ସ୍ୱର୍ଗୀୟା ଚାରୁବାଳା ରଥଙ୍କର ଶନିବାର ଦ୍ୱାଦଶାହ ଦିବସରେ ସ୍ଥାନୀୟ ଗୀତା ଭବନରେ ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲା ଯୋଜନା କମିଟି ଅଧକ୍ଷ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ଜିଲା କଂଗ୍ରେସର କର୍ମକର୍ତ୍ତାମାନେ ଯୋଗଦେଇ ସେହି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଗତ ନିର୍ବାଚନରେ ବ୍ରହ୍ମପୁର ଆସନରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀଙ୍କ ସହ ବିଭିନ୍ନସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଚାରୁବାଳାଙ୍କ ବୋହୂ ଅବସରପ୍ରାପ୍ତ ପ୍ରଫେସର ସୁଭଦ୍ରା ରଥ, ନାତି ସୁପ୍ରିମକୋର୍ଟ ଆଇନଜୀବୀ ଲୋକନାଥ ରଥ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଯୁକ୍ତ ୩ ପରୀକ୍ଷାଫଳ ପ୍ରକାଶ

# ପାସ୍ ହାର ୯୦ ପ୍ରତିଶତ

**ବ୍ରହ୍ମପୁର ଅଫିସ୍,୮।୬**

ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଅଧୀନ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଏବଂ ଗୋପାଳପୁର ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏହି ୩ ମହାବିଦ୍ୟାଳୟର ମୋଟ ୧୧୨୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୦୦୬ଜଣ ପାସ୍ କରିଛନ୍ତି। ସଫଳତା ହାର ରହିଛି ୮୯.୮୨ପ୍ରତିଶତ । ବିଜ୍ଞାନରେ ୪୪୫ଜଣ ପରୀକ୍ଷା ଦେଇଥିବା ବେଳେ ୪୧୫ଜଣ ପାସ୍ କରିଛନ୍ତି। ପାସ୍ ହାର ରହିଛି ୯୩.୨୫ପ୍ରତିଶତ। କଳାରେ ମୋଟ ୪୭୬ ପରୀକ୍ଷା ଦେଇଥିବା ବେଳେ ୪୩୬ଜଣ ପାସ୍ କରିଛନ୍ତି ।ସଫଳତା ହାର ରହିଛି ୯୧.୫୯ପ୍ରତିଶତ। ବାଣିଜ୍ୟରେ ମୋଟ ୧୯୯ ପରୀକ୍ଷା ଦେଇଥିବା ବେଳେ ୧୫୫ ପାସ୍ କରିଛନ୍ତି। ସଫଳତା ପ୍ରତିଶତ ରହିଛି ୭୭.୮୮ପ୍ରତିଶତ। କଳା ଏବଂ ବିଜ୍ଞାନରେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଏବଂ ବାଣିଜ୍ୟରେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ପାସ୍ ହାର ସର୍ବାଧିକ ରହିଛି ।

ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ବାଣିଜ୍ୟରେ ୫୩ଜଣ ପରୀକ୍ଷା ଦେଇଥିବା ବେଳେ ୪୩ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାସ୍ ହାର ରହିଛି ୮୧.୧୩ପ୍ରତିଶତ । କଳାରେ ୧୫୬ଜଣ ପରୀକ୍ଷା ଦେଇଥିବା ବେଳେ ୧୪୬ ପାସ୍ କରିଛନ୍ତି । ପାସ୍ ହାର ରହିଛି ୯୩.୫୮ପ୍ରତିଶତ। ବିଜ୍ଞାନରେ ୧୫୬ଜଣ ପରୀକ୍ଷା ଦେଇଥିବା ବେଳେ ୧୪୬ ପାସ୍ କରିଛନ୍ତି। ପାସ୍ ହାର ରହିଛି ୯୬.୬୮ପ୍ରତିଶତ। ଏଭଳି ଭାବରେ ମୋଟ ୩୯୦ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୩୬୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ମୋଟ ପାସ୍ ହାର ୯୩.୩୩ପ୍ରତିଶତ ରହିଛି । ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ତିନିଟି ଷ୍ଟ୍ରିମ୍‌ରେ ମୋଟ ୪୪୫ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୯୮ଜଣ କୃତିତ୍ୱ ହାସଲ କରିଛନ୍ତି । ପାସ୍ ହାର ରହିଛି ୮୯.୪୩ପ୍ରତିଶତ । ବାଣିଜ୍ୟରେ ୧୧୦ ପରୀକ୍ଷା ଦେଇଥିବା ବେଳେ ୯୫ ପାସ୍ ହୋଇଛନ୍ତି । ପାସ୍ ହାର ରହିଛି ୮୬.୩୬ପ୍ରତିଶତ । କଳାରେ ୧୮୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୨ଜଣ କୃତୀତ୍ୱ ହାସଲ କରିଛନ୍ତି । ପାସ୍ ହାର ରହିଛି ୮୮.୫୨ପ୍ରତିଶତ। ବିଜ୍ଞାନରେ ୧୫୨ଙ୍କ ମଧ୍ୟରୁ ୧୪୧ଜଣ ପାସ୍ କରିଥିବା ବେଳେ ସଫଳତା ପ୍ରତିଶତ ରହିଛି ୯୨.୭୬ପ୍ରତିଶତ ।

ଗୋପାଳପୁର ଡିଗ୍ରୀ ମହାବିଦ୍ୟାଳୟରେ ମୋଟ ୨୮୫ ପରୀକ୍ଷା ଦେଇଥିବା ବେଳେ ୨୪୪ ପାସ୍ କରିଛନ୍ତି। ପାସ୍ ହାର ରହିଛି ୮୫.୬୧ପ୍ରତିଶତ। ବାଣିଜ୍ୟରେ ୩୬ଜଣଙ୍କ ମଧ୍ୟରୁ ୧୭ଜଣ ପାସ୍ ହୋଇଛନ୍ତି। ସଫଳତା ପ୍ରତିଶତ ରହିଛି ୪୭.୨୨ପ୍ରତିଶତ। କଳାରେ ୧୩୭ ପରୀକ୍ଷା ଦେଇଥିବା ବେଳେ ୧୨୮ଜଣ କୃତକାର୍ଯ୍ୟ ହୋଇଛନ୍ତି । ପାସ୍ ହାର ରହିଛି ୯୩.୪୩ପ୍ରତିଶତ । ବିଜ୍ଞାନରେ ୧୧୨ଜଣ ପରୀକ୍ଷା ଦେଇଥିବା ବେଳେ ୯୯ ଉତ୍ତୀର୍ଣ୍ଣ ହୋଇଛନ୍ତି । ପାସ୍ ହାର ରହିଛି ୮୮.୩୯ପ୍ରତିଶତ ।

ଅନ୍ୟପଟେ ବିଭାଗ ଅନୁଯାୟୀ ଦେଖିଲେ, ଖୁବ୍ କମ୍ ବିଭାଗ ଶତ ପ୍ରତିଶତ ସଫଳତା ହାସଲ କରି ପାରିଛନ୍ତି। ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଇଂଲିଶ, ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର କେବଳ ଇଂଲିଶ ବିଭାଗର ହିଁ ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ସେହିଭଳି ଗୋପାଳପୁର ଡିଗ୍ରୀ ମହାବିଦ୍ୟାଳୟର ଆଇଆର୍‌ପିଏମ୍, ଶିକ୍ଷା, ଉଦ୍ଭିଦ ବିଜ୍ଞାନ ଏବଂ ଗଣିତ ବିଭାଗ ଶତ ପ୍ରତିଶତ ସଫଳତା ହାସଲ କରିପାରିଛି। ଅନ୍ୟପଟେ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟର ଅର୍ଥନୀତି(୭୦.୩୭%) ଏବଂ ଗୋପାଳପୁର ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ(୭୫%)କୁ ଛାଡ଼ିଦେଲେ, ଏହି ତିନିଟି ମହାବିଦ୍ୟାଳୟର ଅନ୍ୟ ସମସ୍ତ ବିଭାଗର ସଫଳତା ହାର ୮୦ପ୍ରତିଶତରୁ ଅଧିକ ରହିଛି ।

ଏଠାରେ ସୂଚନାଯୋଗ୍ୟ, ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ଅଧୀନରେ ୫ ମହାବିଦ୍ୟାଳୟ ରହିଛି । ପୂର୍ବରୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ଫଳ ପ୍ରକାଶ ପାଇ ସାରିଥିଲା । ଶନିବାର ଅନ୍ୟ ୩ଟି ମହାବିଦ୍ୟାଳୟର ଫଳ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ । ଯାହାକୁ ନେଇ ଛାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧୁଛି । ଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ନାମ ଲେଖାଇବାକୁ ଇଚ୍ଛା ପ୍ରକାଶ କରୁଥିବା ବେଳେ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ ।




- ■ମୋଟ ପାସ୍ ହାରରେ ଛତ୍ରପୁର କଲେଜ ଶୀର୍ଷରେ
- ■ବିଜ୍ଞାନ, କଳାରେ ଛତ୍ରପୁର, ବାଣିଜ୍ୟରେ ବିନାୟକ କଲେଜ ପାସ୍ ହାର ସର୍ବାଧିକ
- ■ଏସ୍‌ବିଆର୍ ମହାବିଦ୍ୟାଳୟ ଫଳ ବାହାରିନି
- ■ଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ

## ଆଇନଜୀବୀଙ୍କ ଘରୁ ଚୋରି ୮ ଭରି ଗହଣା, ୫୦ ହଜାର ଟଙ୍କା ନେଇଗଲେ

**ବ୍ରହ୍ମପୁର ଅଫିସ,୮।୬**

ସହରରେ ପୁଣି ଥରେ ଚୋର ଦଳ ସକ୍ରିୟ ହୋଇଛନ୍ତି। ଶୁକ୍ରବାର ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଖୋଡାସିଂ ରାମକୃଷ୍ଣ ନଗର ୪ର୍ଥ ଲେନରେ ରହୁଥିବା ଆଇନଜୀବୀ କେଶବ ଚନ୍ଦ୍ର ମହାନ୍ତିଙ୍କ ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ନଂ.୧୧୩/୧୯ରେ ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା କହିଛି।

ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୮ଟାରେ ଆଇନଜୀବୀଙ୍କ ସ୍ତ୍ରୀ ପୁଅଙ୍କୁ ଟିଉସନରୁ ଆଣିବା ପାଇଁ ଘରେ ତାଲା ପକାଇ ଯାଇଥିଲେ। ରାତି ପ୍ରାୟ ୯ଟା ବେଳକୁ ସେ ଘରକୁ ଫେରିଥିଲେ। ହେଲେ ତାଲା ଭଙ୍ଗା ହୋଇ ଥିବା ସେ ଦେଖିବାକୁ ପାଇଥିଲେ। ଘର ଭିତରକୁ ଯାଇ ଦେଖିବା ବେଳକୁ ଆଲମିରା ଭଙ୍ଗାଯାଇଥିଲା । ସେଥିରେ ଥିବା ୮ ଭରି ସୁନା ଗହଣା ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିଲା। ଚୋରି ହୋଇଥିବା ନେଇ ଆଇନଜୀବୀ ଜଣଙ୍କ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସି ଟିଭି ଫୁଟେଜ୍ ଯାଞ୍ଚ କରି ଚୋରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି ବୋଲି କହିଛି ।

■ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

# ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୮।୬**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ଦେବଦତ୍ତ ପଟ୍ଟନାୟକ, ଅବସରପ୍ରାପ୍ତ ଅଧୀକ୍ଷକ, ଦୁର୍ନୀତି ନିବାରଣ ବିଭାଗ, ଲକ୍ଷ୍ମଣ ପଣ୍ଡା, ନିର୍ଦ୍ଦେଶକ, ଜୟ ଭାରତ ନର୍ସରୀ ଟିଚର୍ସ ଟ୍ରେନିଙ୍ଗ ସ୍କୁଲ, ଭୁବନେଶ୍ୱର ଓ ମୁଖ୍ୟବକ୍ତା ଭାବେ ଶାନ୍ତନୁ କୁମାର ରଥ, ପ୍ରାକ୍ତନ ନିର୍ଦ୍ଦେଶକ, ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱର ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ତାଙ୍କ ବକ୍ତବ୍ୟରେ ଆତ୍ମବିଶ୍ୱାସ, ଅଧ୍ୟବସାୟ, ଅଭିନିବେଶ, ଆତ୍ମସମ୍ମାନ ଓ ଅବଦାନ ଏହିପରି ୫ 'ଅ' ଉପରେ ଗୁରୁତ୍ୱ ଦେଇ ଜୀବନରେ ସଫଳ ହେବାପାଇଁ କହିଥିଲେ । ସମ୍ମାନିତ ଅତିଥି ଦେବଦତ୍ତ ପଟ୍ଟନାୟକ କହିଥିଲେ, ବିଜ୍ଞାନ ସହ ଦାର୍ଶନିକ ପଥରେ ଆଗେଇବାକୁ ପଡିବ ଏବଂ ସଫଳତା ପାଇଁ ସଦାଚାରୀ ସର୍ବଦା ହେବାକୁ ପଡିବ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଲକ୍ଷ୍ମଣ ପଣ୍ଡା କହିଥିଲେ, ପ୍ରତିକୂଳ ପରିସ୍ଥିତିରେ ବି ନିଜକୁ ଉଠିବାକୁ ପଡିବ। ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ବିଦ୍ୟାଳୟର ପ୍ରଥମ ୧୦ ସ୍ଥାନରେ ଥିବା ୧୯ ଛାତ୍ରଛାତ୍ରୀ ଯଥା ଗାୟତ୍ରୀ ପାଢୀ, ଆଦ୍ୟାଶା ମହାପାତ୍ର, ଅଂଶୁମାନ ପାତ୍ର, ନାନକ ଗୌଡ, ପ୍ରଜ୍ଞାସ୍ମିତା ମହାରଣା, ସୁଦୀପ୍ତ ପ୍ରସାଦ ବେହେରା, ଏ. ତୋଷାରତ୍ ପାତ୍ର, ଜଗଦୀଶ ଦାଶ, କେ. ଚନ୍ଦ୍ର ଶେଖର ପାତ୍ର, ଜାହ୍ନବୀ ପ୍ରଧାନ, ରୁଦ୍ର ପ୍ରତାପ ପାଢୀ, ସୁଚିତ୍ରା ମିଶ୍ର, ପ୍ରମିତା ତିଆଡି, ସୌମ୍ୟ ରଞ୍ଜନ ସ୍ୱାଇଁ, ଆଲପରୀ ସେଠୀ, ଆର୍ଯ୍ୟନ୍ ବାହିନୀପତି, କୀର୍ତ୍ତିଚନ୍ଦ୍ର ପ୍ରଧାନ, ଆଶିଷ କୁମାର ଆଚାର୍ଯ୍ୟ, ଆୟୁଷ ଜେନା ଓ ସେମାନଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ବ୍ୟତୀତ ୧୦ମ ଶ୍ରେଣୀ ପରୀକ୍ଷା ଫଳରେ ବିଦ୍ୟାଳୟର ଏ-୧ ଗ୍ରେଡ ପାଇଥିବା ସମସ୍ତ ୫୬ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସୁଶ୍ରୀ ଗାୟତ୍ରୀ ପାଢୀ ଓ ଛାତ୍ର ଅଂଶୁମାନ ପାତ୍ର ନିଜ ଅନୁଭୂତିର ବକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏସ୍. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନା ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ପରିଚାଳନା ସମିତି ଉପସଭାପତି ଡ. ହରିକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦିକା ଇଂ. ମମତା ପାଣିଗ୍ରାହୀ, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ହରିକୃଷ୍ଣ ପାଢୀ, ସଦସ୍ୟ ନୀଳକଣ୍ଠ ସାହୁ, ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ପାତ୍ର ଏବଂ ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁମନ୍ଦିର ସଭାପତି ଭଗବାନ ଚୌଧୁରୀ ମଞ୍ଚାସୀନ ଥିଲେ । ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି ଧନ୍ୟବାଦ ଅର୍ପଣ ସହିତ ମା, ମାଟି, ମାତୃଭୂମି, ମାତୃଭାଷାକୁ କେବେ ବି ଭୁଲିବା ନାହିଁ ବୋଲି ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ ସଭ୍ୟ ତଥା ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ଉପସ୍ଥିତ ଥିଲେ ।




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ ।

## ନାରୀ ସଶକ୍ତୀକରଣର ବାର୍ତ୍ତା ଦେଲା 'କୌସିକି'

**ବ୍ରହ୍ମପୁର ଅଫିସ୍,୮।୬**

ବ୍ରହ୍ମପୁର ଇନ୍‌ର ହ୍ୱିଲ୍ କ୍ଲବ ଡିଷ୍ଟ୍ରିକ୍ଟ୍ ଆସେମ୍ବ୍ଲି 'କୌସିକି-୨୦୧୯' ଶନିବାର ବିଜୁ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଣ୍ଟର୍‌ନ୍ୟାଶନାଲ୍ ଇନର୍‌ହ୍ୱିଲ୍ ଉପସଭାପତି ବୀଣା ବ୍ୟାସ ସମ୍ମାନିତ ଅତିଥି ଭାବେ ଡିଷ୍ଟ୍ରିକ୍ଟ୍ ଚେୟାର୍‌ମ୍ୟାନ୍(୩୨୬) କ୍ରିଷ୍ଣା ମହାନ୍ତି, ଜାଗୃତି ଦୋଶୀ, ଆସେମ୍ବ୍ଲି ଚେୟାର୍‌ମ୍ୟାନ୍ ରୁବି ଖେମାନୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆସେମ୍ବ୍ଲି ସେକ୍ରେଟାରୀ ଅମୃତା ପଣ୍ଡା, କୋଷାଧ୍ୟକ୍ଷ ଜି. ସୋନୀ, ହୋଷ୍ଟ କ୍ଲବ ପ୍ରେସିଡେଣ୍ଟ ଜେ. ସରିତା, ସେକ୍ରେଟାରୀ ଜେ. ଦୀପା, ପରାମର୍ଶଦାତା ପୁନମ, ପିଡ଼ିସି ସଂଘମିତ୍ରା ସାହୁଙ୍କ ସମେତ କ୍ଲବର ସମସ୍ତ ସଦସ୍ୟା ଯୋଗଦେଇଥିଲେ । ଏହି ଅବସରରେ ନାରୀ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା କରାଯିବ ସହ କ୍ଲବର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ବକ୍ତାମାନେ 'ଦି ପାୱାର୍‌ଫୁଲ୍ ୱିମେନ୍' ବିଷୟ ଉପରେ ମତାମତ ଦେଇଥିଲେ । କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏଥି ସହ କ୍ଲବ ତରଫରୁ ୭ଜଣ ଚାଷୀଙ୍କ ଧାନ କଟା ମେଶିନ୍ ପ୍ରଦାନ କରାଯାଇଥିବା ପିଆର୍‌ଓ ରଞ୍ଜନା ମିଶ୍ର ସୂଚନା ଦେଇଛନ୍ତି ।



ଚାଷୀମାନଙ୍କୁ କ୍ଲବର ସଦସ୍ୟାମାନେ ଧାନକଟା ମେଶିନ ପ୍ରଦାନ କରୁଛନ୍ତି ।

■ ମା' ତାରାଦେବୀ ଠାକୁରାଣୀ ଯାତ୍ରା

# ସୋମବାର ବାହୁଡ଼ା ପର୍ବ

**ବ୍ରହ୍ମପୁର ଅଫିସ,୮।୬**

ବ୍ରହ୍ମପୁର ଅନ୍ୟତମ ପ୍ରସିଦ୍ଧ ମା' ତାରାଦେବୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ସୋମବାର ମା'ଙ୍କ ବାହୁଡା ପର୍ବ ଅନୁଷ୍ଠିତ ହେବ । ଯାତ୍ରା ଆଉ ଦୁଇଦିନ ବାକି ଥିବାରୁ ଅସ୍ଥାୟୀପୀଠକୁ ଏବେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି । ମା'ଙ୍କ ଆଗମନରେ ଲାଞ୍ଜିପଲ୍ଲୀ ଅଞ୍ଚଳର ସମସ୍ତ ସାହି ଏବେ ଦୁଲୁକୁଛି । ରଙ୍ଗିନ ଆଲୋକମାଳା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରଦ୍ଧାଳୁଙ୍କ କୋଳାହଳରେ ପ୍ରତ୍ୟେକ ସାହି ଉତ୍ସବମୁଖର ହୋଇ ଉଠିଛି । ଶୁକ୍ରବାର ମା'ଙ୍କ ଘଟ ପରିକ୍ରମା ପର୍ଯ୍ୟାୟ ମଧ ଶେଷ ହୋଇଛି ।

ଶନିବାର ମା'ଙ୍କ ଯାତ୍ରା ୨୧ତମ ଦିବସରେ ପହଞ୍ଚିଛି । ଆଉ ଦୁଇ ଦିନ ପରେ ମା' ତାରାଦେବୀ ନିଜସ୍ୱ ମନ୍ଦିରକୁ ବାହୁଡିବେ । ତେଣୁ ପରମ୍ପରା ଅନୁସାରେ ଏହି ଦୁଇଦିନ ଅସ୍ଥାୟୀ ପୀଠ ତଥା ବାପଘରେ ମା' ବିଶ୍ରାମ ନେଇଛନ୍ତି । ସକାଳୁ ରୀତିନୀତି ସହ ବାଲଭୋଗ, ଦହି ଅନ୍ନଭୋଗ ଲାଗି କରାଯାଇଥିଲା । ଭୋରରୁ ହିଁ ମା'ଙ୍କ ଦର୍ଶନ ପାଇଁ ଅସ୍ଥାୟୀ ପୀଠରେ ଭିଡ ଜମିଥିଲା । ସନ୍ଧ୍ୟାରେ ପାରମ୍ପରିକ ଭାବେ ୧୦୮ ଆଳତି ଅନୁଷ୍ଠିତ ହୋଇଥିଲା । ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଆଳତି ଦେଖିବାକୁ ଶନିବାର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅନ୍ୟପକ୍ଷରେ ବିଭିନ୍ନ ମାନସିକ ବେଶଧାରୀଙ୍କ ଭିଡ ଦେଖିବାକୁ ମିଳିଥିଲା । ପ୍ରତ୍ୟେକ ସାହିରେ ରଥ ଓ କଳାକୁଞ୍ଜ ନିକଟରେ ସନ୍ଧ୍ୟାରେ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ସାହିବାସିନ୍ଦାଙ୍କ ପକ୍ଷରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏଥିପାଇଁ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଅସ୍ଥାୟୀ ପୀଠରେ କମିଟି ପକ୍ଷରୁ କୁନି ଶିଶୁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହାଲୁଆ, ଖେଚୁଡି ଭୋଗ ବଣ୍ଟନ କରାଯାଇଥିଲା । ଯାତ୍ରା ପରିଚାଳନାରେ କମିଟି ସଭାପତି ଭାଗବତ ପ୍ରସାଦ ସିଂଦେଓ, ସମ୍ପାଦକ ବି. ହୃଷୀକେଶ ପାତ୍ର, ସହ ସମ୍ପାଦକ ଲଡୁ କିଶୋର ପାଣିଗ୍ରାହୀ, ଜଗନ୍ନାଥ ସାବତ, ସିଏଚ ଗଙ୍ଗାଧର ପାତ୍ର, କେ. ବଳରାମ ଦାଶ, କାହ୍ନୁଚରଣ ଚୌଧୁରୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସାହି ବାସୀନ୍ଦା ସହଯୋଗ କରୁଛନ୍ତି ।

■ ଆଗକୁ ବର୍ଷାଦିନ: ଏଯାଏ ସରିନି ଡ୍ରେନ୍ ପୁନରୁଦ୍ଧାର କାମ

# ମୁକୁଳା ପଡ଼ିଛି ତ୍ରିବେଣୀନଗର ଡ୍ରେନ୍

**ବ୍ରହ୍ମପୁର ଅଫିସ,୮।୬**

ବ୍ରହ୍ମପୁରକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବାକୁ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ବହୁ ପଦକ୍ଷେପ ନେଉଛି। ଫାଉଣ୍ଟେନଠାରୁ ଆରମ୍ଭ କରି ସହରର କାନ୍ଥଗୁଡିକରେ ୱାଲ ପେଣ୍ଟିଂ, ଆବର୍ଜନାରୁ ପ୍ରସ୍ତୁତ ବିଭିନ୍ନ ମଡେଲକୁ ସହରର ବିଭିନ୍ନ ସ୍ଥାନରେ ସ୍ଥାପିତ କରିବା ଲାଗି ନିଗମ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ସହରର ମୂଳ ସମସ୍ୟା ଡ୍ରେନ୍ ଓ ରାସ୍ତା ମରାମତି କାର୍ଯ୍ୟ ପ୍ରତି ଅଣଦେଖା କରୁଛି । କିଛିମାସ ପୂର୍ବେ ଓଡିଆରପି ଓ ଉନ୍ନତି ଯୋଜନାରେ ସହରର ପ୍ରତି ୱାର୍ଡରେ ଡ୍ରେନ୍‌ର ପୁନରୁଦ୍ଧାର ଓ ରାସ୍ତା ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲେ ମଧ ଏଯାଏ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଆଗକୁ ବର୍ଷାଦିନ । କିନ୍ତୁ ଏବେ ଅନେକ ଅଞ୍ଚଳ ଡ୍ରେନ୍‌ର ପୁନରୁଦ୍ଧାର କାର୍ଯ୍ୟ ସରି ନାହିଁ। ପୁଣି ସହରରେ ବର୍ଷାଦିନେ କୃତ୍ରିମ ବନ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ୱାର୍ଡ ଡ୍ରେନ୍‌ଗୁଡିକର ପୁନରୁଦ୍ଧାର, ମରାମତି ସହ କଭର ସ୍ଲାବ୍ ପକାଇବାକୁ ନେଇ ୨୦୧୮ରେ ନିଗମ ପକ୍ଷରୁ ଯୋଜନା ହୋଇଥିଲା । ଓଡିଆରପି, ନିଗମର ନିଜସ୍ୱ ପାଣ୍ଠି ଓ ଉନ୍ନତି ଯୋଜନାରେ ଆସିଥିବା ଟଙ୍କାରେ ସହରର ସମସ୍ତ ରାସ୍ତା ଓ ଡ୍ରେନ୍ ମରାମତି କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଇତି ମଧରେ କେତେକ ଅଞ୍ଚଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟ ମଧ ଶେଷ ହୋଇଛି । କିନ୍ତୁ ୧୮ ନଂ. ୱାର୍ଡ ଅନ୍ତର୍ଗତ ଆସ୍କାରୋଡ ନିକଟସ୍ଥ ତ୍ରିବେଣୀ ନଗର ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍ ମୁକୁଳା ପଡିଛି । ଏଯାଏ ଡେନ୍‌ର ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହୋଇଛି ।

ଅଞ୍ଚଳବାସୀଙ୍କ ଅଭିଯୋଗ ପ୍ରକାରେ, ଡ୍ରେନ୍‌ଟି ମୁଖ୍ୟରାସ୍ତାଠାରୁ ମାତ୍ର ୩୦ ମିଟର ଦୂରରେ ରହିଛି । ଦୀର୍ଘ ବର୍ଷ ଧରି ଡ୍ରେନ୍‌ର ମରାମତି ତଥା ପୁନରୁଦ୍ଧାର ହୋଇ ନାହିଁ । ଅନ୍ୟପକ୍ଷରେ ନିୟମିତ ଡ୍ରେନ୍ ସଫେଇ ହେଉ ନ ଥିବାରୁ ଅଳ୍ପ ବର୍ଷାରେ ପାଣି ରାସ୍ତା ଉପରେ ଜମି ରହୁଛି । ଏହି ଡ୍ରେନ୍ ଆଖପାଖରେ ପ୍ରାୟ ୧୦୦ ପରିବାର ବାସ କରୁଥିବା ବେଳେ ଏହାର ଦୁର୍ଗନ୍ଧ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ଯୋଗୁ ରାତିରେ ରହିବା କଷ୍ଟକର ହେଉଛି । ବର୍ଷା ଦିନ ପୂର୍ବରୁ ଡ୍ରେନ୍‌ର ପୁନରୁଦ୍ଧାର ତଥା ମରାମତି ଲାଗି ପଦକ୍ଷେପ ଗ୍ରହଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବର୍ତ୍ତମାନ ଓଡିଆରପିରେ ଉକ୍ତ ଅଞ୍ଚଳ ସମେତ ସହରର ଅନେକ ଅଞ୍ଚଳର ଡ୍ରେନ୍ ଓ ରାସ୍ତା ମରାମତି ପାଇଁ ଟେଣ୍ଡର ସରିଛି । ଖୁବଶୀଘ୍ର ତ୍ରିବେଣୀ ନଗର ସମେତ ସହରର ଅନ୍ୟାନ୍ୟ ଅଞ୍ଚଳର ମଧ ଡ୍ରେନେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ନେଇ ନିଗମ କମିଶନ ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି ।



ମୁକୁଳା ପଡିଥିବା ତ୍ରିବେଣୀନଗର ଡ୍ରେନ୍ ।

**ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି**

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୮।୬:** ବୈଦ୍ୟନାଥପୁର ଥାନା ଲାଞ୍ଜିପଲ୍ଲୀରେ ଚାଲିଥିବା ମା' ତାରାଦେବୀ ଠାକୁରାଣୀ ଯାତ୍ରା ଦେଖିବାକୁ ଆସିଥିବା ଜଣେ ଛାତ୍ରୀଙ୍କୁ ଅପହରଣ କରାଯାଇଛି । ଏନେଇ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୧୧/୧୯ରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି। ଛାତ୍ରୀ ଜଣକ ତାଙ୍କ ମା' ବାପାଙ୍କ ସହ ଯାତ୍ରା ଦେଖିବା ପାଇଁ ଗତ ୪ ତାରିଖରେ ଲାଞ୍ଜିପଲ୍ଲୀ ଅଞ୍ଚଳକୁ ଯାଇଥିଲେ। ହଠାତ୍ ଝିଅ ନିଖୋଜ ହୋଇଯାଇଥିଲା। ଘର ଲୋକ ବହୁ ଖୋଜାଖୋଜି କରି ନିରାଶ ହୋଇଥିଲେ। ଝିଅକୁ କେହି ଅପହରଣ କରି ନେଇଥିବା ସନ୍ଦେହ କରି ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ତଥ୍ୟ ହାସଲ ପାଇଁ ଘଟଣାସ୍ଥଳକୁ ଯାଇ ସେଠାରେ କେଉଁମାନେ ଥିଲେ ବିଭିନ୍ନ ଲୋକଙ୍କୁ ପଚରାଉଚୁରା କରୁଛି। ଏପରିକି କେତେକ ଯୁବକଙ୍କ ମୋବାଇଲ ଫୋନ ନମ୍ବର ଟ୍ରାକିଂ କରୁଥିବା ଜଣାପଡ଼ିଛି ।

### ୧୧ରେ କ୍ରିକେଟ ଚୟନ ଶିବିର

**ବ୍ରହ୍ମପୁର ଅଫିସ୍,୮।୬:** ଓଡ଼ିଶା କ୍ରିକେଟ ସଂଘ ତରଫରୁ ରାଜ୍ୟସ୍ତରୀୟ ୧୯ବର୍ଷରୁ କମ୍ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହେଉଛି। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଗଞ୍ଜାମ ଦଳ ଚୟନ ଶିବିର ଆସନ୍ତା ୧୧ତାରିଖରେ ଅନୁଷ୍ଠିତ ହେବ । ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଏହି ଶିବିର ଆୟୋଜିତ ହେବ । ପ୍ରତ୍ୟକ କ୍ଲବ କିମ୍ବା ଅନୁଷ୍ଠାନ ମାତ୍ର ୪ଜଣ ଖେଳାଳିଙ୍କୁ ଏହି ଶିବିରକୁ ପଠାଇପାରିବେ । ଉକ୍ତ ଦିନ ସକାଳ ୮ଟା ବେଳେ ତାରିଣୀ ସାମନ୍ତରାଙ୍କୁ ଆବଶ୍ୟକ ପ୍ରମାଣପତ୍ର ସହ ଯୋଗାଯୋଗ କରିବାକୁ ଗଞ୍ଜାମ ଜିଲା କ୍ରିକେଟ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

### ଚନ୍ଦ୍ରକକ୍ଲେଶ୍ୱର ମହାଦେବ ମନ୍ଦିରରେ ଶୀତଳଷଷ୍ଠୀ ଯାତ୍ରା

**କନିଷି,୮।୬(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ହଳଦିଆପଦର ଗ୍ରାମସ୍ଥିତ ଶ୍ରୀ ଚନ୍ଦ୍ରକକ୍ଲେଶ୍ୱର ମହାଦେବ ମନ୍ଦିରରେ ଶିବ ବିବାହ ଶୀତଳ ଷଷ୍ଠୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ମନ୍ଦିରଠାରୁ ପ୍ରଭୁଙ୍କ ମାଜଣା, ବେଶପୂଜା, ଆରତୀ ପରେ ଏକ ସୁସଜ୍ଜିତ ବିମାନ ଦ୍ୱାରା ବିରାଟ ପଟୁଆରରେ ଶଙ୍ଖ, ମୃଦଙ୍ଗ, ବାଘନାଚ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ଯାତ୍ରାରେ ମନ୍ଦିର କମିଟି ସଭାପତି ଏ. ରାମା ରାଓ, ସମ୍ପାଦକ କେ. ପ୍ରବୀଣ କୁମାର, ଉଦୟ ନାଥ ସାହୁ, ସମାଜସେବୀ ସନ୍ତୋଷ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିମ୍ ସାମଗ୍ରୀ ଗୋଦାମରେ ଅଗ୍ନିକାଣ୍ଡ

# ବହୁ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ବ୍ରହ୍ମପୁର ଅଫିସ,୮।୬

ବ୍ରହ୍ମପୁର ଆଙ୍କୁଲି ବୃନ୍ଦାବନ ନଗରରେ ଥିବା ଜିମ୍ ସାମଗ୍ରୀ ଭର୍ତ୍ତି ଗୋଦାମରେ ଶନିବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁକୁ ଆୟତ୍ତ କରିଛନ୍ତି । ଗୋଦାମ ଭିତରେ ଥିବା ଜିମ୍ ସାମଗ୍ରୀଗୁଡ଼ିକ ପୋଡ଼ି ପାଉଁଶ ହୋଇଯାଇଛି । ଶଟ୍ ସର୍କିଟରୁ ଅଗ୍ନିକାଣ୍ଡ ଘଟି ପ୍ରାୟ କୋଟିଏ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ଗୋଦାମ ଦାୟିତ୍ୱରେ ଥିବା ବଳରାମ ସାହୁ କହିଛନ୍ତି । ପ୍ରକାଶ ଯେ, ବୃନ୍ଦାବନ ନଗରରେ ଥିବା ଏକ ଦୁଇମହଲା ଘର ତଳ ମହଲାରେ ଜିମ୍ ସାମଗ୍ରୀ ଗୋଦାମ ରହିଥିଲା। ଅନ୍ୟପଟେ ଉପର ମହଲାରେ ନିର୍ମାଣ କାମରେ ଶ୍ରମିକମାନେ ନିୟୋଜିତ ଥିଲେ। ଶ୍ରମିକମାନେ କାମ ବନ୍ଦ କରିବା ବେଳେ ତଳ ମହଲାରେ ଧୂଆଁ ବାହାରୁଥିବା ଦେଖି ସେମାନେ ବଳରାମ ସାହୁଙ୍କୁ ଖବର ଦେଇଥିଲେ। ବଳରାମ ଉକ୍ତ ଗୋଦାମ ନିକଟରେ ପହଞ୍ଚି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ଓ ତାଙ୍କ ଟିମ୍ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ସନାତନ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଗୋଟିଏ ଘରେ କୋଟିଏ ଟଙ୍କାର ଜିମ୍ ସାମଗ୍ରୀ ରଖାଯାଇଛି



ଅଗ୍ନିକାଣ୍ଡରେ ପୋଡ଼ି ଯାଇଥିବା ଜିମ୍ ସାମଗ୍ରୀ।

**ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ**

ବୋଲି ଗୋଦାମ ଦାୟିତ୍ୱରେ ଥିବା ବଳରାମ ସାହୁ କହିଛନ୍ତି। ଗୋଦାମର ପ୍ରକୃତ ମାଲିକ ଗଣେଶ ବେହେରା ଭୁବନେଶ୍ୱରରେ ରହୁଛନ୍ତି। ସେ ପହଞ୍ଚିବା ପରେ ଗୋଦାମରେ କେତେ ଟଙ୍କାର ଜିମ୍ ସାମଗ୍ରୀ ରହିଛି ତାହାର ତଦନ୍ତ କରାଯିବ। ଗୋଦାମରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଆଦୌ ନ ଥିବା ସେ କହିଛନ୍ତି । ଗୋଦାମଟି ଏକ ମୁହାଁ ଘର ହୋଇଥିବା ବେଳେ ବହୁ କଷ୍ଟରେ ଘର ଶେଷ ଭାଗକୁ ଯାଇ ଆମ କର୍ମଚାରୀମାନେ କାନ୍ଥ ଭାଙ୍ଗି ନିଆଁକୁ ଆୟତ୍ତ କରିଛନ୍ତି । ଭୟାବହ ଅଗ୍ନିକାଣ୍ଡର ଖବର ପାଇ ଉପ ଅଗ୍ନିଶମ ଅଧିକାରୀ ଦେବେନ୍ଦ୍ର କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୯।୬।୨୦୧୯ (ରବିବାର)**

- ଶୀତଳଷଷ୍ଠୀ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ। ସ୍ଥାନ- ଗାନ୍ଧୀ ଛକ, ଜି.ଉଦୟଗିରି, ସମୟ- ପୂର୍ବାହ୍ନ ୧୦ଟା।
- ଗଞ୍ଜାମ ଜିଲା ସ୍ତରୀୟ ସାରସ୍ୱତ ସମାରୋହ ଓ କବିତା ପାଠୋତ୍ସବ। ସ୍ଥାନ- ଶ୍ରୀ ଚନ୍ଦ୍ରଚୂଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ନୂତନ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା। ସ୍ଥାନ- ୧ ଏବଂ ୨ ନଂ. ୱାର୍ଡ଼, ସମୟ- ସକାଳ ୭ଟା ।
- ମାସିକ ସାହିତ୍ୟ ଆସର। ସ୍ଥାନ-ଉତ୍କଳ ଆଶ୍ରମ ସରସ୍ୱତି ବିଦ୍ୟା ମନ୍ଦିର, ସମୟ-ଅପରାହ୍ନ ୩ଟା ୩୦ ମିନିଟ୍ ।
- ବୃଦ୍ଧାମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ। ସ୍ଥାନ-କନିଷି ନବଜୀବନ ଆଶ୍ରମ, ସମୟ-ଅପରାହ୍ନ ୪ଟା ୩୦ ମିନିଟ୍।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍, ସମୟ-ଅପରାହ୍ନ ୫ଟା ।
- ସ୍କେଟିଂ ଫେଷ୍ଟିଭାଲ୍। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍, ସମୟ-ଅପରାହ୍ନ ୫ଟା ।
- ଦେବ ଦମ୍ପତିଙ୍କ ନଗର ଭ୍ରମଣ। ସ୍ଥାନ- ବ୍ରହ୍ମାନଗର ପ୍ରଥମ ଲେନ୍, ସମୟ- ସନ୍ଧ୍ୟା ୬ଟା।
- ନବମ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ। ସ୍ଥାନ-ଖଲ୍ଲିକୋଟ କଲେଜ ପଡ଼ିଆ, ସମୟ-ସନ୍ଧ୍ୟା ୬ଟା ୩୦ ମିନିଟ୍।

**୧୦।୬।୨୦୧୯ (ସୋମବାର)**

- ମା' ବରାଳଦେବୀଙ୍କ ଜନ୍ତାଳଯାତ୍ରା ଶୁଭାରମ୍ଭ। ସ୍ଥାନ- ମା' ବରାଳଦେବୀ ମନ୍ଦିର ଜି.ଉଦୟଗିରି, ସମୟ- ଅପରାହ୍ନ ୩ଟା।
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ସକାଳ ୯ଟା।
- ମା' ଅନ୍ନପୂର୍ଣ୍ଣେଶ୍ୱରୀ ଠାକୁରାଣୀ ଯାତ୍ରା ଉଦ୍‌ଯାପନୀ ଉତ୍ସବ। ସ୍ଥାନ- ଭୀଷ୍ମଗିରି, ଦିଗପହଣ୍ଡି ସମୟ- ରାତି ୧୨ଟା।

**୧୧।୬।୨୦୧୯ (ମଙ୍ଗଳବାର)**

- ମା' ବରାଳଦେବୀଙ୍କ ଜନ୍ତାଳଯାତ୍ରା ଉଦ୍‌ଯାପନ ଓ ମୁଖ୍ୟପୂଜା। ସ୍ଥାନ- ମା' ବରାଳଦେବୀ ମନ୍ଦିର, ସମୟ- ଅପରାହ୍ନ ୨ଟା।
- ଶିଶୁ ଓ ପ୍ରସୂତି ପାଇଁ ମମତା ଦିବସ ସଚେତନତା କାର୍ଯ୍ୟକ୍ରମ। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୮ଟା।

**୧୨।୬।୨୦୧୯ (ବୁଧବାର)**

- ତାଲୁକ ଆଇନ ସେବା କମିଟି ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ସଚେତନତା ସଭା। ସ୍ଥାନ- ଗୌଡ଼ ଗାଁ ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପନୀ ଉତ୍ସବ। ସ୍ଥାନ- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ-ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।

**୧୩।୬।୨୦୧୯ (ଗୁରୁବାର)**

- ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।

**୧୪।୬।୨୦୧୯ (ଶୁକ୍ରବାର)**

- ଗର୍ଭବତୀଙ୍କୁ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପର୍ବୂାହ୍ନ ୧୦ଟା।

## ମଧୁମେହ, ଉଚ୍ଚରକ୍ତଚାପ, ଥାଇରଏଡ୍ ସଚେତନତା କାର୍ଯ୍ୟକ୍ରମ




ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ସରକାରୀ କର୍ମଚାରୀମାନେ ।

ବ୍ରହ୍ମପୁର ଅଫିସ୍,୮।୬

ଜୀବନ ଶୈଳୀରେ ଅନିୟମିତତା ଯୋଗୁ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ ଥାଇରଏଡ୍ ଭଳି ସମସ୍ୟା ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି। ବ୍ୟସ୍ତ ବହୁଳ ଜୀବନ, ଗୋଟିଏ ଜାଗାରେ ଅଧିକ ସମୟ ପର୍ଯ୍ୟନ୍ତ ବସି ରହିବା ଏବଂ ନିୟମିତ ବ୍ୟାୟାମର ଅଭାବ ତଥା ମାନସିକ ଚାପ ଯୋଗୁ ସରକାରୀ କର୍ମଚାରୀମାନେ ଏଭଳି ସବୁ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସରକାରୀ କର୍ମଚାରୀଙ୍କୁ ସଚେତନତ କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁରସ୍ଥିତ ଡାଏବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକର ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନୀଲ କୁମାର କୋଟା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି । ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ତତ୍ତ୍ୱାବଧାନରେ ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଡିଆର୍‌ଡିଏ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା । କର୍ମଚାରୀଙ୍କ ରକ୍ତ ପରୀକ୍ଷା, ସ୍ନାୟୁ ପରୀକ୍ଷା, ଥାଇରଏଡ୍ ପରୀକ୍ଷା, ରକ୍ତଚାପ ପରୀକ୍ଷା ସହ ପ୍ରଶ୍ନୋତ୍ତର ମଧ୍ୟ କରାଯାଇଥିଲା । ଉଭୟ କାର୍ଯ୍ୟାଳୟରେ ପ୍ରାୟ ଶହେ ଜଣ କର୍ମଚାରୀ ଏଥିରେ ଭାଗ ନେଇଥିଲେ।

## ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ

ପାରଳାଖେମୁଣ୍ଡି,୮।୬ (ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ସ୍ଥିତ ଉଦୟନାଥ ମନ୍ଦିରରେ ଶିବ ପାର୍ବତୀ ବିବାହ ତଥା ଶୀତଳଷଷ୍ଠୀ ଉତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଏହି ଉତ୍ସବକୁ ଶିବଭକ୍ତ ତଥା ଚତୁର୍ଦ୍ଦଶୀ କମିଟି ଆୟୋଜନ କରିଥିଲା। ଗ୍ରାମବାସୀ ତଥା ଶିବ ଭକ୍ତମାନଙ୍କ ସହଯୋଗରେ ମହାଦେବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ବରପିତା ଭାବେ ଗୋପୀନାଥ ପାଢୀ ଏବଂ କନ୍ୟାପିତାଭାବେ ବିପିନ ଚନ୍ଦ୍ର ମାଳବିଷୋୟୀ ଏହି ଦେବ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଉତ୍ସବ ପାଇଁ ସମଗ୍ର ଅଞ୍ଚଳରେ ଆନନ୍ଦ ଉଲ୍ଲାସ ଭରି ଉଠିଥିବାବେଳେ ବିଭିନ୍ନ ନୃତ୍ୟ, ମହାଦେବଙ୍କ ନଗର ପରିକ୍ରମା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଗ୍ରାମବାସୀ ତଥା ଚତୁର୍ଦ୍ଦଶୀ କମିଟିର ସଦସ୍ୟ ମନୋଜ ପାଢୀ, ପ୍ରଦୀପ ପତି, ପ୍ରକାଶ ପତି, କାଳିଆ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଜିଲାର ପାରଳାଖେମୁଣ୍ଡି, କାଶୀନଗର, ରାଟିଣୀ ସମେତ ବିଭିନ୍ନ ଅଞ୍ଚଳରେ ଶୀତଳଷଷ୍ଠୀ ଉତ୍ସବ ମହାସମାହରୋରେ ପାଳିତ ହୋଇଛି।



## ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

ପାରଳାଖେମୁଣ୍ଡି, ୮।୬ (ସ୍ୱ.ପ୍ର.)

ଗଜପତି ଜିଲା ରାୟଗଡ ବ୍ଲକସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମ୍ୟାଲେରିଆ ନିରାକରଣ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ୟୁ. ଗିରିଜାପତି ଯୋଗଦେଇ ଦୁର୍ଗମ ଅଞ୍ଚଳରେ କିପରି ମାରାତ୍ମକ ମ୍ୟାଲେରିଆ ରୋଗକୁ ସମୂଳେ ବିନାଶ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। କେଉଁ ସବୁ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ ଏବଂ ଏଥିପାଇଁ ସ୍ୱାସ୍ଥ୍ୟ କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ କିପରି କାର୍ଯ୍ୟ କରିବା ଆବଶ୍ୟକ ସେ ବିଷୟରେ କହିଥିଲେ । ମୁଖ୍ୟତଃ ପରିବେଶ ସଫାସୁତରା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗ୍ରାମାଞ୍ଚଳରେ ନାଳ ନର୍ଦ୍ଦମା ଗୁଡିକରେ ମଶାତେଲ ସିଞ୍ଚନ ସହ ସ୍ୱଚ୍ଛତା ଦିଗରେ ସଚେତନତା କରିବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମପାଇଁ ବ୍ଲକ୍‌ରେ ୪ଟି ସେକ୍ଟର ଏବଂ ୨୩ଟି ସବ୍ ସେକ୍ଟର ଗଠନ କରାଯାଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡା. ରବିନାରାୟଣ ଦାସ, ଚିକିତ୍ସାଳୟ ଅଧିକାରୀ ଡା. ନାଗିନ ରାୟ ପଟ୍ଟନାୟକ, ବ୍ଲକ ପ୍ରୋଗ୍ରାମ୍ ଅଫିସର୍ ପି. ଇଶ୍ୱରୀଆମ୍ମାଙ୍କ ସମେତ ବ୍ଲକ୍‌ର ସମସ୍ତ ଆଇ.ସି.ଡି.ଏସ୍. ସୁପରଭାଇଜର ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ।

## ବଢୁଛି ଅସନ୍ତୋଷ: ମିଳୁନି ଉପଯୁକ୍ତ ବ୍ୟାଙ୍କ ସେବା

ଗୁମ୍ମା, ୮।୬

ନିଜ ଟଙ୍କାକୁ ସୁରକ୍ଷିତ ରଖିବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲୋକେ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ ଆବଶ୍ୟକ ସମୟରେ ବ୍ୟାଙ୍କ ଉପଯୁକ୍ତ ସେବା ଯୋଗାଇବାରେ ବିଫଳ ହେଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଗଜପତି ଜିଲାର ଗୁମ୍ମା ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଦେଖିବାକୁ ମିଳୁଛି ଏଭଳି ସମସ୍ୟା। ଏହି ବ୍ୟାଙ୍କରେ ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ବଢୁଥିବାବେଳେ ସେ ଅନୁଯାୟୀ ସେବା ପାଇବାରେ ବିଫଳ ହେଉଛନ୍ତି। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା ପରେ ମଧ୍ୟ ଆର୍ଥିକ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ ହୋଇପାରୁନାହିଁ । ଏହି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ଗୁମ୍ମା ବ୍ଲକ ଅନ୍ତର୍ଗତ ୨୦ଟି ପଞ୍ଚାୟତର ଜନସାଧାରଣ ସମେତ ଅଞ୍ଚଳର ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ମାସିକ ଦରମା, ସରକାରୀ ଯୋଜନାର ଅନୁଦାନ ଆଦି କାର୍ଯ୍ୟ ପାଇଁ ନିର୍ଭର କରିଥାନ୍ତି । ମାତ୍ର ଏହି ଶାଖାଟି ଅଞ୍ଚଳର ଗ୍ରାହକଙ୍କୁ ଅନବରତ ସେବା ଯୋଗାଇବାରେ ବିଫଳ ହେଉଥିବା ଯୋଗୁ ଗ୍ରାହକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଦୂରଦୂରାନ୍ତରୁ ଆସୁଥିବା ଗ୍ରାହକ ବ୍ୟାଙ୍କ ବାହାରେ ଖରାରେ ଅପେକ୍ଷା କରିବାକୁ ବାଧ ହେଉଥିବାବେଳେ ଶାଖା ପରିଚାଳକଙ୍କୁ ଅସୁବିଧା ସଂପର୍କରେ ଜଣାଇବା ପାଇଁ ମଧ ଗ୍ରାହକଙ୍କୁ ସୁଯୋଗ ମିଳୁନାହିଁ। ଏପରି ସମସ୍ୟା ବାରମ୍ବାର ଦେଖିବାକୁ ମିଳୁଛି, କିନ୍ତୁ ଶାଖା ପରିଚାଳକ କୌଣସି ସମାଧାନ କରୁନାହାନ୍ତି।

## ବାଇକ ଛଡ଼ାଇ ନେବା ଘଟଣା, ଜଣେ ଗିରଫ

ଗୋପାଳପୁର,୮।୬

ଜନୈକ ଯୁବକଙ୍କୁ କାତି ଦେଖାଇ ଭୟଭୀତ କରାଇ ବାଇକ ଛଡ଼ାଇ ନେବା ଅଭିଯୋଗରେ ଗୋପାଳପୁର ପୋଲିସ ଜଣେ ଯୁବକକୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଭେଙ୍କଟରାୟପୁର ଗ୍ରାମର ଶିବ ନାୟକ (୨୦)। ପ୍ରକାଶ ଯେ, ଭେଙ୍କଟରାୟପୁର ଗ୍ରାମର କେ. ଏରେୟା ଚଳିତ ମାସ ୬ ତାରିଖ ସନ୍ଧ୍ୟା ୭ଟାରେ ବାଇକ (ନଂ ଓଡି୦୭ୱାଇ୬୬୩୪) ଯୋଗେ ଘରକୁ ଫେରୁଥିବା ବେଳେ ମେ' ଫେୟାର ହୋଟେଲ ନିକଟରେ ଉକ୍ତ ଗ୍ରାମର ଶିବ କାତି ଦେଖାଇ ଧମକ ଦେବା ସହ ବାଇକଟି ଛଡ଼ାଇ ନେଇ ଯାଇଥିଲେ। ଏନେଇ ଶୁକ୍ରବାର ଏରେୟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଶନିବାର ପୂର୍ବାହ୍ନରେ ଶିବ ଗ୍ରାମରେ ଥିବାବେଳେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।

## ବିଶ୍ୱ ସାମୁଦ୍ରିକ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଗୋପାଳପୁର,୮।୬

ପ୍ରଥମ କରି ଗୋପାଳପୁର ବେଳାଭୂମିରେ ବିଶ୍ୱ ସାମୁଦ୍ରିକ ଦିବସ ପାଳିତ ହୋଇଯାଇଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଓ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅପରାହ୍ନ ୫ଟାରେ ବିଶ୍ୱ ସାମୁଦ୍ରିକ ଦିବସ ଉପଲକ୍ଷେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ପର୍ଯ୍ୟଟନ ବିଭାଗର ସହ ନିର୍ଦ୍ଦେଶକ ସନାତନ ନାୟକ ଓ ସ୍ଥାନୀୟ ବାସିନ୍ଦା ସାମିଲ ହୋଇ ବେଳାଭୂମି ପରିଭ୍ରମଣ କରିବା ସହ ପ୍ଲାଷ୍ଟିକ୍ ଓ ପଲିଥିନ ସଫା କରିଥିଲେ। ଏହି ଅବସରରେ ଲୋକମାନେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ସଚେତନତା କରାଯାଇଥିଲା। ସମୁଦ୍ର ମଧ୍ୟରେ ପ୍ଲାଷ୍ଟିକ, ପଲିଥିନ ଓ ଅଳିଆ ଆବର୍ଜନା ନ ପକାଇ ସଫାସୁତୁରା ରଖିବାକୁ ସ୍ଥାନୀୟ ବାସିନ୍ଦାଙ୍କୁ ଶପଥ କରାଇଥିଲେ। ଜି. ମୋହନ ରାଓ, ପ୍ରଭାକର ସାହୁ, ସିଏଚ୍ ଲକ୍ଷ୍ମଣ ରାଓ, ବିଜୁ ଯୁବ ବାହିନୀର ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

## ଅନୁଦାନ ଖର୍ଚ୍ଚ କରିବାରେ ବିଫଳ ହୋଇଛି ବିଏମ୍‌ସି

# ୩୬ ପୋଖରୀ ପୁନରୁଦ୍ଧାର

- କେନ୍ଦ୍ରୀୟ ସହାୟତାର ବିତିଛି ୧୨ ବର୍ଷ
- ପରିତ୍ୟକ୍ତ ଅବସ୍ଥାରେ ରହିଛି ଅନେକ ଜଳାଶୟ
- ୱାଟରବଡି ସ୍କିମ ବାବଦ ୨ କୋଟି ଟଙ୍କା ହୋଇନି ବିନିଯୋଗ

ବ୍ରହ୍ମପୁର ଅଫିସ,୮।୬

ସରକାରୀ ଅନୁଦାନ ଠିକଣା ସମୟରେ ଖର୍ଚ୍ଚ କରିବାରେ ବିଏମ୍‌ସି (ବ୍ରହ୍ମପୁର ମହାନଗର ନିଗମ) ବିଫଳ ହୋଇଛି। ୧୨ ବର୍ଷ ତଳେ ୱାଟର ବଡ଼ି ସ୍କିମରେ ମିଳିଥିବା କେନ୍ଦ୍ରୀୟ ସହାୟତା ପ୍ରାୟ ୧୫ କୋଟି ଟଙ୍କା ଏବେବି ସମ୍ପୂର୍ଣ୍ଣ ବିନିଯୋଗ ହୋଇ ନ ପାରି ୨ କୋଟିରୁ ଅଧିକ ଟଙ୍କା ପଡ଼ି ରହିଛି। ଇତିମଧ୍ୟରେ ୩ ପୌର ପରିଷଦର କାର୍ଯ୍ୟକାଳ ସରିଛି । ଗତ ଅକ୍ଟୋବର ମାସରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି । ଗଞ୍ଜାମ ଜିଲାପାଳ ବିଏମ୍‌ସିର ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ ହୋଇଛନ୍ତି। ପୌର ନିର୍ବାଚନ କେବେ ହେବ ତାହା ଅନିଶ୍ଚିତ ହୋଇଯାଇଛି । ତେଣୁ ମେୟର, ଡେପୁଟି ମେୟର ଓ କର୍ପୋରେଟର ହେବାକୁ ଆଶାୟୀମାନଙ୍କ ଚିନ୍ତା ବଢ଼ି ଯାଇଛି ।

ସୂଚନାଯୋଗ୍ୟ, ୨୦୦୪ ଲୋକ ସଭା ନିର୍ବାଚନରେ ବ୍ରହ୍ମପୁର ଆସନରୁ ଚନ୍ଦ୍ରଶେଖର ସାହୁ ଏମ୍‌ପି ନିର୍ବାଚିତ ହୋଇଥିଲେ । ସେ କେନ୍ଦ୍ରରେ ପ୍ରଥମ ଉପା ସରକାରରେ ମନ୍ତ୍ରୀ ପଦ ପାଇଥିଲେ। ସହରରେ ଭୂ-ତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଥିବାରୁ ଆବହମାନ କାଳରୁ ଥିବା ୪୨ ପୋଖରୀ ପୁନରୁଦ୍ଧାର ସହ ଆଧୁନିକୀକରଣ ପାଇଁ ପଦକ୍ଷେପ ନେଇଥିଲେ। କେନ୍ଦ୍ର ସରକାରଙ୍କ କ୍ଷୁଦ୍ର ଓ ମଧ୍ୟମ ସହରାଞ୍ଚଳ ଭିତ୍ତିଭୂମି ବିକାଶ ଯୋଜନାର 'ୱାଟରବଡି' ସ୍କିମ୍‌ରେ ୧୫ କୋଟି ଟଙ୍କା ସହାୟତା ମଞ୍ଜୁର କରାଇଥିଲେ । ତନ୍ମଧ୍ୟରୁ ୮୦% କେନ୍ଦ୍ରୀୟ ଅନୁଦାନ ଏବଂ ୧୦% ଲେଖାଏ ରାଜ୍ୟ ସରକାର ଓ ବ୍ରହ୍ମପୁର ପୌର ସଂସ୍ଥା ବହନ କରିବା ବ୍ୟବସ୍ଥା ଥିଲା । ୨୦୦୩ ପୌର ନିର୍ବାଚନରେ ପ୍ରଥମ କରି ଏହି ପୌରସଂସ୍ଥା ବିଜେଡି ଦଖଲକୁ ଯାଇଥିଲା । ସେତେବେଳେ ପ୍ରଥମ ମହିଳା ନଗରପାଳ ଭାବେ ସୁଲୋଚନା ସ୍ୱାଇଁ ନିର୍ବାଚିତ ହୋଇଥିଲେ। ତାଙ୍କ ଶାସନ କାଳରେ ୨୦୦୫-୦୬ ବର୍ଷରେ ଅନୁଦାନ ମଞ୍ଜୁର ହୋଇଥିଲା। ପୋଖରୀଗୁଡ଼ିକୁ ଚିହ୍ନଟ କରାଯାଇ ବିଳମ୍ବରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଗଲା ।

ବିଶାଳ ହରିଡ଼ାଖଣ୍ଡି ପୋଖରୀ, ମେଣ୍ଟୁ ଛକରେ ଧୋବାବନ୍ଧ, ଡାଇମଣ୍ଡ ଟ୍ୟାଙ୍କ, ଶିଳ୍ପାଞ୍ଚଳ ନିକଟ ଗଣେଶ ବନ୍ଧ, ଆଙ୍କୁଲିର ବୋଇତାଲୁ ପୋଖରୀ, ବିଜିପୁର ପୋଖରୀ, ସୁନାରୀବନ୍ଧ ଓ କମାପଲ୍ଲୀ ବନ୍ଧ ଆଦି ହାତକୁ ନିଆଯାଇଥିଲା । ସେତେବେଳେ ରାମଲିଙ୍ଗମ ପୋଖରୀ, ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱ ପୋଖରୀ ସମେତ ୬ ଜଳାଶୟ ଘରୋଇ ମାଲିକାନାରେ ଥିବାରୁ ବିବାଦ ସୃଷ୍ଟି ହୋଇଥିଲା ଏବଂ ପୁନରୁଦ୍ଧାର କାର୍ଯ୍ୟରୁ ବାଦ୍ ଦିଆଯାଇଥିଲା । ଅନେକ ପୋଖରୀ କାର୍ଯ୍ୟ ରାଜନୈତିକ ସୁପାରିସରେ ଠିକା ଦିଆଗଲା । ସେଗୁଡିକ ନିମ୍ନମାନର କାର୍ଯ୍ୟ ହୋଇଥିବା ସମାଲୋଚନା ହୋଇଥିଲା। ହରିଡ଼ାଖଣ୍ଡି ଓ ଧୋବାବନ୍ଧ ପାଇଁ ବିପୁଳ ପରିମାଣର ଅର୍ଥ ବ୍ୟୟ କରାଗଲା । ଇତି ମଧ୍ୟରେ ଅନୁଦାନର ୩୬ ବର୍ଷ ବିତିଛି ଏବଂ ୩୬ ଜଳାଶୟ ପୁନରୁଦ୍ଧାର କରାଯାଇଛି। ଅନୁଦାନର ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ନ ପାରି ବଳକା ରହିଥିବା ବିଏମ୍‌ସି ସୂତ୍ରରୁ ଏହା ଜଣାପଡ଼ିଛି । ବୋଇତାଲୁ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ଉନ୍ନତମାନର ହୋଇଥିବାରୁ ସରକାରୀ ଅନୁଧ୍ୟାନକାରୀ ଟିମ୍‌କୁ ତାହା ଦେଖାଇ ଦିଆଯାଇଥିଲା ।

ମହାନଗର ଭିତରେ ଏବେ ବି ନେଳିଆବନ୍ଧ, ବେଢ଼ାବନ୍ଧ, କମାପଲ୍ଲୀ ବନ୍ଧ ସମେତ ଆଉ କେତେକ ପରିତ୍ୟକ୍ତ ଅବସ୍ଥାରେ ଅଛି । ସେଗୁଡ଼ିକ ପ୍ରତି ବିଏମ୍‌ସି ପକ୍ଷରୁ ଅଣଦେଖା କରାଯାଇଥିବା କେତେକ ପୂର୍ବତନ ବିଜେଡି କର୍ପୋରେଟରଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ୨୦୧୩ରେ ହୋଇଥିବା ଫାଇଲିନରେ ସହର ଧ୍ୱସ୍ତବିଧ୍ୱସ୍ତ ହୋଇ ଭୌଗୋଳିକ ମାନଚିତ୍ର ବଦଳି ଯାଇଥିଲା । ଭିତ୍ତିଭୂମି ବିକାଶ ପାଇଁ ଜାତିସଂଘ ଟିମର ସୁପାରିସରେ ବିଶ୍ୱବ୍ୟାଙ୍କ ୨ ଶହ କୋଟି ଟଙ୍କା ସହାୟତା ଘୋଷଣା କରିଥିଲା । ପର୍ଯ୍ୟାୟକ୍ରମେ ରାଜ୍ୟ ସରକାରଙ୍କ ଜରିଆରେ ଅନୁଦାନ ଆସୁଛି। ଫାଇଲିନର ୫ ବର୍ଷ ପୂରିବା ପରେ ବି ବିଶ୍ୱବ୍ୟାଙ୍କ ଅର୍ଥ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇନାହିଁ କି ଡ୍ରେନ ରାସ୍ତା ଏବଂ ବସ୍ତି ଅଞ୍ଚଳ ଭିତ୍ତିଭୂମି ବିକାଶ ସମ୍ପୂର୍ଣ୍ଣ ହୋଇନି। ତେଣୁ ଅନୁଦାନ ଟଙ୍କା ସମ୍ପୂର୍ଣ୍ଣ ବିନିଯୋଗରେ ବିଏମ୍‌ସି ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି ।

## ସଂକ୍ଷେପରେ

### ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍ ଘଟଣା, ୩ ଅଟକ

ବୁଗୁଡ଼ା,୮।୬(ଡି.ଏନ.ଏ.)- ବୁଗୁଡ଼ା ଥାନା ସୋରଡ଼-ଏ.କରଡ଼ାବାଡ଼ି ରାସ୍ତାରେ ଗୁରୁବାର ଅପରାହ୍ନରେ ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ବାଇକ ଓ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ ଦୁର୍ବୃତ୍ତ। ଏହି ଘଟଣାରେ ବୁଗୁଡ଼ା ଓ ବାଲିପଦର ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏନେଇ ବୁଗୁଡ଼ା ଥାନାରେ କେଶ ନଂ.୧୦୭/୧୯ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ କର୍ମଚାରୀ ଜଣକ ଟଙ୍କା ଆଦାୟ କରି ଫେରୁଥିବାବେଳେ ଏ.କରଡ଼ାବାଡ଼ି-ସୋରଡ଼ ରାସ୍ତାରେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ମାଡ଼ମାରି ବାଇକ ସହ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଖବର ପାଇ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ବୁଗୁଡା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଓ ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଶୁକ୍ରବାର ରାତିରେ ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି।

### ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଶେରଗଡ,୮।୬(ଡି.ଏନ୍.ଏ.): ଶେରଗଡ଼ ମେଧା ଅନ୍ୱେଷଣ ସମିତି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟ ମାନଙ୍କର ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଶେରଗଡ଼ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ମେଧା ଅନ୍ୱେଷଣ ସମିତି ଆନୁକୂଲ୍ୟରେ ଓ ମହାବୀର ପରିବାର ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ଟପ୍ପର ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ତହସିଲଦାର ଡ଼. ଦୟାସିନ୍ଧୁ ପରିଡାଙ୍କ ଅଧ୍ୟକ୍ଷତା ଓ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ବହୁ ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନ୍ୟତମ ଅତିଥିଭାବେ ବିଡ଼ିଓ ସୁରଞ୍ଜନ କୁମାର ସାହୁ , ଥାନାଧିକାରୀ ରମେଶ ଚନ୍ଦ୍ର ଦାସ ଯୋଗ ଦେଇ ଛାତ୍ରୀଛାତ୍ରମାନେ ପାଠପଢା ଲକ୍ଷ୍ୟ ରଖି ଅଗ୍ରସର ହେବାକୁ ଆହ୍ୱାନ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇ ଛାତ୍ରୀଛାତ୍ରମାନେ ପାଠପଢ଼ା ସହ ପ୍ରତିଯୋଗୀତ ମନୋଭାବ ପୋଷଣ କରିବାକୁ କହିଥିଲେ। ମୋଟ ୨୪ ବିଦ୍ୟାଳୟ ଟପ୍ପର ଓ ପ୍ରଧାନଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମେଧା ଅନ୍ୱେଷଣ ସମିତିର ଆବାହକ ସୂର୍ଯ୍ୟ ନାରାୟଣ ଦାଶ ପରିଚାଳନା କରିଥିବାବେଳେ ଶିକ୍ଷକ ସୁବାସ ଚନ୍ଦ୍ର ତାରିଣୀ ସହଯୋଗ କରିଥିଲେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ଗଞ୍ଜାମ,୮।୬(ଡି.ଏନ.ଏ.): ଗଞ୍ଜାମ ବ୍ଲକ ଖଣ୍ଡଦେଉଳୀ ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ନିର୍ମଳଝର (କୁଟମ୍ବ) ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସୁଦର୍ଶନ ଜେନା ସଭାପତି, ସମ୍ପାଦକ ଭାବେ ରଞ୍ଜନ କୁମାର ପଲାଇ, ଉପେନ୍ଦ୍ର ଦାସ, ଶ୍ରୀନିବାସ ପଣ୍ଡା ଓ ରେଣୁବାଳା ବେହେରା ପ୍ରମୁଖ ସହଯୋଗୀ ସଦସ୍ୟ ଭାବେ ସର୍ବସମ୍ମତି ନିଷ୍ପତ୍ତିକ୍ରମେ ଚୟନ କରାଯାଇଥିଲା। ଉକ୍ତ ସ୍କୁଲକୁ ଆସନ୍ତା ୨୦୨୦ ଡିସେମ୍ବରରେ ୫୦ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା।

■ ଛତ୍ରପୁର କୋର୍ଟ ଷ୍ଟେଶନ ନିକଟରେ ୨ ଗଳା ଶଙ୍ଖ ପ୍ରସଙ୍ଗ

# ୬.୨୫ ଘଣ୍ଟା ରେଳ ଚଳାଚଳ ବନ୍ଦ ହେବ ଆଜି

ଛତ୍ରପୁର,୮।୬(ଡି.ଏନ.ଏ.)

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁର ସହରର କୋର୍ଟ ଷ୍ଟେଶନ ନିକଟସ୍ଥ ରେଳୱେ ଟ୍ରାକ୍ ତଳେ ୨ ଗଳା ଶଙ୍ଖ (ଅଣ୍ଡର ପାସ୍ ) ନିର୍ମାଣ ହେବ । ଏଥିପାଇଁ ୨ ଆରସିସି ସେଗମେଣ୍ଟାଲ ବକ୍ସ ନିର୍ମାଣ ହୋଇଛି । ରବିବାର ଉକ୍ତ ୨ ବକ୍ସକୁ ରେଲୱେ ଟ୍ରାକ୍ ତଳେ ସ୍ଥାପନ କରାଯିବ । ଏଥିପାଇଁ ରବିବାର ପୂର୍ବାହ୍ନ ୧୧ ଟା ୨୫ ମିନିଟ୍‌ରୁ ସନ୍ଧ୍ୟା ୫ ଟା ୫୦ ମିନିଟ୍ ପର୍ଯ୍ୟନ୍ତ ମୋଟ ୬ ଘଣ୍ଟା ୨୫ ମିନିଟ୍ ଏହି ରୁଟ୍‌ରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ । ଏହି ପରିପ୍ରେକ୍ଷୀରେ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ ଆଉ କେତେକ ଟ୍ରେନ୍‌ର ସମୟ ପରିବର୍ତ୍ତନ କରାଯାଇଛି। ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଛତ୍ରପୁର ଷ୍ଟେଶନ ମାଷ୍ଟରଙ୍କ ନିକଟକୁ ଆସିଥିବା ଚିଠିରୁ ଏହା ଜଣାପଡିଛି । ଉକ୍ତ ୨ ଟି ଗଳା ଶଙ୍ଖ କାର୍ଯ୍ୟକ୍ଷମ ହେଲେ କୋର୍ଟ ଷ୍ଟେଶନ ନିକଟରେ ଥିବା ରେଲୱେ କ୍ରସିଂ ଫାଟକକୁ ବନ୍ଦ କରାଯିବ ବୋଲି ପୂର୍ବରୁ ସ୍ଥିର ହୋଇଛି । ରବିବାର ହେବାକୁ ଥିବା କାମ କିଭଳି ସୁରୁଖୁରୁରେ ସମ୍ପନ୍ନ ହେବ ସେନେଇ ରେଲୱେ ଅଧିକାରୀ ମାନେ ଆସି ଶନିବାର ଏଠାରେ ଅନୁଧ୍ୟାନ କରିଛନ୍ତି । ରବିବାର ମଧ୍ୟ ରେଲୱେର ଉଚ୍ଚ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି କାମ ହେବ ବୋଲି ସୂଚନା ମିଳିଛି। ଉକ୍ତ କାମ ପାଇଁ ରବିବାର ପୁରୀ ଗୁଣପୁର ପାସେଞ୍ଜର, ବ୍ରହ୍ମପୁର-ଭୁବନେଶ୍ୱର ପାସେଞ୍ଜର ଓ ଭୁବନେଶ୍ୱର-ବ୍ରହ୍ମପୁର ପାସେଞ୍ଜର ଟ୍ରେନ୍ ବାତିଲ କରାଯାଇଛି। ଏଥିସହ ଗୁଣପୁର- ପୁରୀ ପାସେଞ୍ଜର ଟ୍ରେନ୍ ପୁରୀ ନ ଯାଇ ପଲାସା ପର୍ଯ୍ୟନ୍ତ ଆସିବ ଏବଂ ସେଠାରୁ ପୁଣି ଗୁଣପୁରକୁ ଫେରିବ ବୋଲି ଜଣାପଡିଛି । ଆହୁରି ଜଣାଯାଇଛି ଯେ, ରବିବାର ପୁରୀ-ଓଖା ଏକ୍ସପ୍ରେସ୍ ଓ ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ୍ ଏବଂ ଶନିବାର ସିକନ୍ଦରାବାଦ-ଭୁବନେଶ୍ୱର, ଯଶୱନ୍ତପୁର ଏକ୍ସପ୍ରେସଗୁଡିକର ସମୟରେ ପରିବର୍ତ୍ତନ କରାଯାଇଥିବା ଉକ୍ତ ଚିଠିରୁ ସୂଚନା ମିଳିଛି । ଉକ୍ତ ୨ ଗଳା ଶଙ୍ଖ ନିର୍ମାଣ ପରେ ଆପ୍ରୋଚ୍ ରୋଡ୍, ଗାର୍ଡୱାଲ ଆଦିର କାମ ହେବ ବୋଲି ଜଣାପଡିଛି । ଶନିବାର ଏନେଇ ଛତ୍ରପୁରର ବୁଦ୍ଧିଜୀବୀମାନେ ରେଲୱେର ଅଧିକାରୀ ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଗାଡି ଚଳାଚଳ ପାଇଁ ଆପ୍ରୋଚ୍ ରୋଡ୍ ଚଉଡା କରିବା ଉପରେ ବୁଦ୍ଧିଜୀବୀଙ୍କ ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଥିଲେ । ଏଥିସହ ବର୍ଷାଦିନେ ଗଳା ଶଙ୍ଖ ନିକଟରେ ପାଣି ଜମିବାର ସମ୍ଭାବନା ଥିବାରୁ ଏହା ନିଷ୍କାସନ ପାଇଁ ସେଠାରେ ଏକ ପମ୍ପ ହାଉସ ନିର୍ମାଣ କରାଯିବ ବୋଲି ସୂଚନା ଦିଆଯାଇଛି । ଏହି ବୁଦ୍ଧଜୀବୀ ପ୍ରତିନିଧି ଦଳରେ ଓକିଲ ବି. ଶ୍ରୀନିବାସ, ୟୁଥ୍ ମାସ୍ ସେବା ସଂଘର ସୟଦ ମୁକ୍ତାର, କେ. ରାମ ବାବୁ, ଶଙ୍କର ରାଓ ଏବଂ ରାଜେନ୍ଦ୍ର ପ୍ରସାଦ ସାହୁ ପ୍ରମୁଖ ସାମିଲ ଥିଲେ ।




ରେଳ ବିଭାଗ ଅଧିକାରୀମାନେ ଆଲୋଚନା କରୁଛନ୍ତି।

■ ୩ ଟ୍ରେନ୍ ବାତିଲ, ଅନ୍ୟ କେତେକର ସମୟରେ ପରିବର୍ତ୍ତନ

■ କାର୍ଯ୍ୟକ୍ଷମ ପରେ ରେଲୱେ ଫାଟକ ବନ୍ଦ

# ଜିଲାପାଳଙ୍କୁ ଭେଟିଲେ ଅନସ୍ଲୋ ପରିଚାଳନା କମିଟି

ଛତ୍ରପୁର,୮।୬(ଡି.ଏନ.ଏ.)

ଛତ୍ରପୁରରେ ଥିବା ବ୍ରିଟିଶ ଅମଳର ଅନସ୍ଲୋ ସରକାରୀ ହାଇସ୍କୁଲର କେତେକ ସମସ୍ୟା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍କୁଲ ପରିଚାଳନା କମିଟିର ସଦସ୍ୟ ମାନେ ଆଲୋଚନା କରିଛନ୍ତି । ସାଧାରଣ ନିର୍ବାଚନପାଇଁଇଭିଏମ୍‌ଗୁଡିକଉକ୍ତସ୍କୁଲର କେତେକ ଗୃହରେ ପ୍ରତିଷ୍ଠା ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ଭୋଟ ପରେ ଏଠାକୁ ଇଭିଏମ୍‌ଗୁଡିକୁ ଅଣାଯାଇଥିଲା। ପରେ ଏଠାରେ ଭୋଟ ଗଣତି ହୋଇଥିଲା । ଫନୀ ବାତ୍ୟା ଓ ସୁରକ୍ଷା ଦୃଷ୍ଟିରୁ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ ରୁମ୍‌ଗୁଡିକର ଝରକା ଓ କବାଟକୁ ଇଟା ଦେଇ ସିଲ୍ କରାଯାଇଥିଲା । ଏବେ ଉକ୍ତ ରୁମ୍‌ଗୁଡିକର ଝରକା ଓ କବାଟ ଠିକ୍ ଭାବେ ଦେଇହେଉନି । କେତେକ ଚେୟାର ଟେବୁଲ, ୩ ଟି ପାଇଖାନା ନଷ୍ଟ ହୋଇଛି। ୧୮ ତାରିଖରେ ସ୍କୁଲ ଖୋଲୁଥିବାରୁ ଏହାପୂର୍ବରୁ ଠିକ୍ କରିବାକୁ କମିଟି ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହାଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଥିଲେ। କଣ ସବୁ ଆବଶ୍ୟକ ଅଛି ସେନେଇ ଲିଖିତ ଭାବେ ଜଣାଇବାକୁ କୁହାଯାଇଛି । ଏଥିସହ ସମସ୍ୟା ଦୂର ପାଇଁ ଜନସ୍ୱାସ୍ଥ୍ୟ, ରାସ୍ତା ଓ କୋଠାବାଡି ବିଭାଗର ଯନ୍ତ୍ରୀଙ୍କୁ ମଧ୍ୟ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଦୃଷ୍ଟିଆକର୍ଷଣ କରାଯାଇଛି ।

# ବଜ୍ରପାତରେ ୮ ଆହତ





ମେଡିକାଲରେ ଚିକିତ୍ସାଧୀନ ଆହତମାନେ।

ଚନ୍ଦ୍ରଗିରି,୮।୬(ଡି.ଏନ୍.ଏ.)

ମୋହନା ବ୍ଲକ୍ ଚନ୍ଦ୍ରଗିରି ଶିବ ମନ୍ଦିର ନିକଟରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୪ଟାରେ ବଜ୍ରପାତରେ ୫ ମହିଳା,୨ ଶିଶୁଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗୌରୀ ମହାଙ୍କୁଡ଼, ଦମୟନ୍ତି ମହାଙ୍କୁଡ଼, ରୀତା ସେଠୀ, ତ୍ରିପୁରା ପାଇକ, ସୁରଭି ସାହୁ, ଝୁନୁ ବାଘରାଜ ଏବଂ ସୁପ୍ରିୟା ସାହୁ। ପ୍ରକାଶ ଯେ, ଚନ୍ଦ୍ରଗିରି ଶିବ ମନ୍ଦିର ନିକଟରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଚାଲିଥିବା ବେଳେ ବଜ୍ରପାତ ହେବାରୁ ପ୍ରଥମେ ରୀତା, ତ୍ରିପୁରା ପାଇକ, ଦମୟନ୍ତି,ଝୁନୁ, ଗୌରୀ ଓ ୨ଭଉଣୀ ସୁରଭି, ସୁପ୍ରିୟା ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବଜ୍ରପାତରେ ଗୌରୀଙ୍କ ଏକ ନଡ଼ିଆ ଗଛ ମଧ୍ୟ ଜଳିଯାଇଛି। ସେହିପରି ଚନ୍ଦ୍ରଗିରି ଗୋବିନ୍ଦପୁର ଗାଁର ହରେକୃଷ୍ଣ ମଲିକ ଘରେ ଶୋଇଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଛନ୍ତି।

# ବିହନ ବିକ୍ରୟ କେନ୍ଦ୍ର ଯାଞ୍ଚ କଲେ ଜିଲାପାଳ

ଛତ୍ରପୁର,୮।୬(ଡି.ଏନ.ଏ.)

ଗଞ୍ଜାମ ଜିଲାର ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ବିହନ ଯୋଗାଇବା ନେଇ ଶନିବାର ପୂର୍ବାହ୍ନରେ ଏକ ବୈଠକ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ। ବୈଠକ ପରେ ଜିଲାପାଳ ଅଚାନକ ଛତ୍ରପୁରସ୍ଥିତ ଠାକୁରାଣୀ ମନ୍ଦିର ଛକ ନିକଟରେ ଥିବା ଏକ ଘରୋଇ ଡିଲରଙ୍କ ବିହନ ବିକ୍ରୟ କେନ୍ଦ୍ରକୁ ଯାଇ ଯାଞ୍ଚ କରିଥିଲେ। ରେଜିଷ୍ଟର ରଖିବା, ଦର ତାଲିକା ଲଗାଇବା ସହ ଚାଷୀମାନେ ଚାହୁଁଥିବା ବିହନ ଦେବାକୁ ଉକ୍ତ ଡିଲରଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସହ କୃଷି ଉପନିର୍ଦ୍ଦେଶକ ମନୋଜ କୁମାର ବେହେରା ଓ ଡିଆରସିଏସ୍ ସୁଶାନ୍ତ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନଙ୍କୁ କିଭଳି ବିହନର ସୁଷମ ବଣ୍ଟନ ହେବ ସେ ଉପରେ ବୈଠକରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ୨୮୦ପ୍ରାଥମିକ ସେବା ସମବାୟ ସମିତି ଓ ୧୫୦ ଘରୋଇ ଡିଲରଙ୍କୁ ବିହନ ବିକ୍ରି ପାଇଁ ଦାୟିତ୍ୱ ଦିଆଯାଇଛି। ତେବେ କେତେକ ସମିତି ବିହନ ବିକ୍ରି କରିବାରେ ଅବହେଳା କରୁଥିବା ଦୃଷ୍ଟିକୁ ଆସିଛି। ଫଳରେ ଉକ୍ତ ଅଞ୍ଚଳର ଘରୋଇ ଡିଲରମାନେ ବିହନ ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଏହା ଉପରେ ଦୃଷ୍ଟି ଦେବାକୁ ଜିଲାପାଳ ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ କେତେ ବିହନ ଷ୍ଟକ୍ କାହା କାହା ପାଖରେ ଅଛି, କେତେ ବିକ୍ରି ହୋଇଛି ସେ ଉପରେ ଏକ ରିପୋର୍ଟ ଦେବାକୁ କୁହାଯାଇଛି। ସାର ବଣ୍ଟନ ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରୁ ଆହୁରି ଜଣାଯାଇଛି, ଜିଲାରେ ଚଳିତ ବର୍ଷ ବିଭିନ୍ନ କିସମର ୪୭ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ ପଡୁଛି। ବର୍ତ୍ତମାନ ଜିଲାରେ ୩୬ ହଜାର କୁଇଣ୍ଟାଲ ବିହନ ମହଜୁଦ ଅଛି। ଆବଶ୍ୟକ ପଡୁଥିବା ଆଉ ୧୦ ହଜାର କୁଇଣ୍ଟାଲ ବିହନ ଜାତୀୟ ବିହନ ନିଗମ ଦେବ ବୋଲି ସୂଚନା ଦିଆଯାଇଛି। ଜିଲାର ଏକ ଫାର୍ମ ୩୦ ହଜାର କୁଇଣ୍ଟାଲ ବିହନ ଦେବ ବୋଲି ଚୁକ୍ତି ହୋଇଛି। ବୈଠକରେ କୃଷି ଉପନିର୍ଦ୍ଦେଶକ, ଡିଆରସିଏସ୍, ରାଜ୍ୟ ବିହନ ନିଗମ ଜେନେରାଲ ମ୍ୟାନେଜର ସୁବାସ ଚନ୍ଦ୍ର ବେହେରାଙ୍କ ସମେତ କୃଷି ଓ ସମବାୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଯାଞ୍ଚ କରି ଫେରୁଛନ୍ତି।

ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ୩୦ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ମିଳିଲା ଅନୁଦାନ

ସୋରଡ଼ା,୮।୬(ଡି.ଏନ.ଏ.)

ସୋରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ ବଦଳିବ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ରାଜ୍ୟ ସରକାରଙ୍କ ଦ୍ୱାରା ଏଠାରେ ୩୦ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣପାଇଁ ୧୦କୋଟି୬୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ଜଣାପଡିଛି। ଏହି ମର୍ମରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଚିଠି ନଂ. ୮୫୦/୦୮।୦୫।୧୯ରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କୋଠାବାଡି ବିଭାଗକୁ ଆକଳନ, ଅଟକଳ, ସ୍ଥାନ ନିରୂପଣ ପାଇଁ ଜଣାଇଛନ୍ତି। ଦୀର୍ଘଦିନ ପରେ ଏଠାରେ ୩୦ ଶଯ୍ୟା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗିତା ଯେ, ସ୍ଥାନୀୟ କନ୍ଧୁଣୀ ଦେବୀ ଯାତ୍ରା ସମୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସୋରଡା ଗସ୍ତ ସମୟରେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ମେଡିକାଲରେ ଅଧିକ ଶଯ୍ୟା ପାଇଁ ଅନୁରୋଧ କରିଥିଲେ।

## ସୋରଡ଼ାରେ ଶିବପାର୍ବତୀ ବିବାହ

ସୋରଡା,୮।୬(ଡି.ଏନ୍.ଏ.): ପବିତ୍ର ଶିବ ବିବାହ ଉପଲକ୍ଷେ ସୋରଡାର ପଞ୍ଚାନନ ମନ୍ଦିର, ବୃଦ୍ଧ ଲିଙ୍ଗେଶ୍ୱର, ପୁଡୁଗେଶ୍ୱର, ଚନ୍ଦ୍ରକଳ୍ପେଶ୍ୱର, ବାଲୁଙ୍କେଶ୍ୱର, ଦକ୍ଷିଣେଶ୍ୱର, ଏକଲପୁର, ସୁରମଣି, ଖଜୁରୀପଲି ଆଦି ମନ୍ଦିର ମାନଙ୍କରେ ସକାଳୁ ଠାକୁରଙ୍କୁ ମାର୍ଜଣା ସହ ଧୂପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ଦର୍ଶନ ଆରମ୍ଭ କରିଥିଲେ। ଚନ୍ଦ୍ରକଳ୍ପେଶ୍ୱରରେ ବାପି ଗୌଡ, ଦିଲୀପ ପଣ୍ଡା, ଟୁନା ବେହେରା ପ୍ରମୁଖ ପରିଚଳାନା ତଥା ଆୟୋଜନ କରିଥିଲେ। ସେହିପରି ରାମନାବାଡି ଯଜ୍ଞେଶ୍ୱର ମନ୍ଦିରରେ ଲଡୁକିଶୋର ଦାଶ, ରୂପକ ବିଶୋୟୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିଚାଳନା କରିଥିଲେ।

## ମହିଳାଙ୍କ ମୃତ୍ୟୁ: ଅପମୃତ୍ୟୁ ମାମଲା ରୁଜୁ

ଆସିକା,୮।୬(ଡି.ଏନ୍.ଏ.): ଗୁରୁତର ଭାବେ ଅସୁସ୍ଥ ଜଣେ ମହିଳାଙ୍କୁ ଶୁକ୍ରବାର ମଧ୍ୟାହ୍ନରେ ଚିକିତ୍ସା ଲାଗି ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ମୃତକ ଜଣକ ଆସିକା ଥାନା ସିଦ୍ଧନୟୀ ଗ୍ରାମର ବୈଦେହୀ ବିଷୋୟୀ (୩୯)। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ତାହା ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ମୃତ ବୈଦେହୀଙ୍କ ବାପା ଗାଙ୍ଗପୁର ଥାନା ଇନ୍ଦନପୁର ଗ୍ରାମର ବୃନ୍ଦାବନ ଭୂୟାଁଙ୍କ ଅଭିଯୋଗ କ୍ରମେ ପୋଲିସ ଆସିକା ଥାନାରେ ନଂ.୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

## ନବ ନିର୍ବାଚିତ ଏମ୍‌ପି ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୮।୬(ଡି.ଏନ.ଏ.)

ନବ ନିର୍ବାଚିତ ବ୍ରହ୍ମପୁର ଲୋକସଭା ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ନିର୍ବାଚିତ ହେବା ପରେ ଶନିବାର ସନ୍ତୋଷପୁର ଓ ପୋଇରାଶି ପଞ୍ଚାୟତ ଗସ୍ତ କରିଥିଲେ। ଏହି ଅବସରରେ ଉଭୟ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ ବେଳେ ଏମ୍‌ପି ଓ ବିଧାୟକଙ୍କୁ ଦଳୀୟ କର୍ମୀ ଓ ଅଞ୍ଚଳବାସୀ ବିପୁଳ ସମ୍ବର୍ଦ୍ଧନା ଜଣାଇଥିଲେ। ଗ୍ରାମଗୁଡ଼ିକରେ ଥିବା ସମସ୍ୟା ବିଷୟରେ ବିଧାୟକ ଓ ଏମ୍‌ପି ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ଏହି ଗସ୍ତ ବେଳେ ମଲାଡ଼ ସରପଞ୍ଚ ପ୍ରଭାତ ସେଠୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ମତ୍ସ୍ୟ ନେତା ସନାତନ ବେହେରା, ଅମୀୟ ମହାପାତ୍ର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବେହେରା, ବ୍ଲକ ସମ୍ପାଦକ ଉମା ଜେନା, ସନ୍ତୋଷପୁର ସମିତିସଭ୍ୟ ଗଗନ ସ୍ୱାଇଁ, ସରପଞ୍ଚ ନିରଞ୍ଜନ ରେଡ୍ଡୀ, ପୂର୍ବତନ ବ୍ଲକ ସଭାପତି ବନବାସୀ ଖୁଣ୍ଟିଆ, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ପୂର୍ବତନ କାଇଁଚପୁର ସରପଞ୍ଚ ଗୋବିନ୍ଦ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ବିଧାୟକ।

## ଓଡ଼ିଆ ଅଧ୍ୟାପକଙ୍କ ପରଲୋକ

ପାଟପୁର,୮।୬(ଡି.ଏନ.ଏ.)

ପାଟପୁରସ୍ଥିତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ରମାକାନ୍ତ ପଣ୍ଡା (୫୨)ଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ଘଟିଛି। ତାଙ୍କ ଦେହ ଅସୁସ୍ଥ ଥିବାରୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଜୟନଗର ଗ୍ରାମର ରମାକାନ୍ତ ୧୯୯୫ ମସିହାରୁ ପାଟପୁର କଲେଜରେ ଓଡ଼ିଆ ବିଭାଗ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସହ ଜଣେ ସୁସାହିତ୍ୟିକ, ଲେଖକ, ସମାଲୋଚକ, ନାଟ୍ୟକାର, ଅଭିନେତା ଭାବେ ଖ୍ୟାତି ଅର୍ଜନ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କର ଦୁଇ ପୁଅ ଥିଲେ। ତାଙ୍କ ବିୟୋଗରେ ବିଧାୟକ ରମେଶ ଚନ୍ଦ୍ର ଜେନା, କଲେଜ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ବ୍ରହ୍ମା, ଅଧ୍ୟାପକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ, ବିଜୟ ଚନ୍ଦ୍ର ପ୍ରଧାନ, ପ୍ରଣବ ପାଢୀଯୋଶୀ, ମାଧବ ଖୁଣ୍ଟିଆ, ଶିବରାମ ଡାକୁଆ, ଚିନ୍ମୟ ହୋତା, ଶିବରାମ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀ ଚରଣ ପାତ୍ର, ଦୁର୍ଗା ପ୍ରସାଦ ପାଢ଼ୀଙ୍କ ସମେତ ବହୁ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଆର.ଉଦୟଗିରିରେ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ

ଆର.ଉଦୟଗିରି,୮।୬(ଡି.ଏନ.ଏ.)

ଆର.ଉଦୟଗିରି ଗ୍ରାମର ଉଦୟନାଥ ମନ୍ଦିରରେ ଶୀତଳଷଷ୍ଠୀ ଅବସରରେ ପାର୍ବତୀ ଓ ମହାଦେବ ଶିବଙ୍କ ବିବାହ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ମନ୍ଦିର ପ୍ରଶାସନ ତଥା ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିରର ଚତୁଃପାର୍ଶ୍ୱକୁ ସୁନ୍ଦର ଭାବେ ସଜାଯାଇଥିଲା। ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ, ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ବରପିତା ପ୍ରଦୀପ ପତି ଏବଂ କନ୍ୟାପିତା ଗୋପୀନାଥ ପାଢ଼ୀ ଉପସ୍ଥିତ ରହି ବୈଦିକ ରୀତିରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟପାଳିତ ହୋଇଥିଲା। ଶୁକ୍ରବାର ସକାଳୁ ମହାଦେବଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଅଭିଷେକ କରାଯାଇଥିଲା। ଏହି ବିବାହକୁ ମୁଖ୍ୟ ପୁରୋହିତ ଗୌରଚନ୍ଦ୍ର ମିଶ୍ର, ନିତେଇ ମିଶ୍ର ଓ ମିହିର ଦାସ ସମ୍ପନ୍ନ କରିଥିଲେ। ବରଯାତ୍ରୀରେ ନଗର ପରିକ୍ରମା ସମୟରେ ଘୋଡ଼ା ନାଚ, ମାଙ୍କଡ଼, ବଣମଣିଷ, ଷଣ୍ଢନାଚ ଲୋକଙ୍କୁ ବେଶ୍ ଆକର୍ଷଣୀୟ କରିଥିଲା। ବିବାହ ସମୟରେ ଦୂର ଦୂରାନ୍ତରୁ ଆସିଥିବା ବହୁ ଭକ୍ତଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ଜି.ଉଦୟଗିରିରେ ଶିବ ବିବାହ

ଜି.ଉଦୟଗିରି,୮।୬(ଡି.ଏନ.ଏ.)

ଜି.ଉଦୟଗିରି ସହରରେ ଶୁକ୍ରବାର ରାତି ୧୧ଟାରେ ମହାପ୍ରଭୁ ଧବଳେଶ୍ୱର ଓ ଆନନ୍ଦେଶ୍ୱରଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପ୍ରଥମେ ଧବଳେଶ୍ୱର ମନ୍ଦିରରୁ ମହାପ୍ରଭୁ ଧବଳେଶ୍ୱର ବିରାଟ ପଟୁଆରରେ ବାହାରି ଆନନ୍ଦେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଆନନ୍ଦେଶ୍ୱର ମହାପ୍ରଭୁ ମଧ୍ୟ ପଟୁଆରରେ ବାହାରିଥିଲେ। ଦୁଇ ଶିବଙ୍କୁ ବଜାର ଛକଠାରେ ବାଟବରଣ କରାଯାଇଥିଲା। ପ୍ରତାପ ପଣ୍ଡା ଧବଳେଶ୍ୱରଙ୍କ ବାପା ହୋଇଥିବା ବେଳେ ସୁବାସ ଦାଶ ମା' ପାର୍ବତୀଙ୍କ ବାପା ହୋଇ ବିବାହ କାର୍ଯ୍ୟ ଶେଷ କରିଥିଲେ। ସେହିପରି ମନୋଜ ମହାପାତ୍ର ମହାପ୍ରଭୁ ଆନନ୍ଦେଶ୍ୱରଙ୍କ ବାପା ଓ ଦଣ୍ଡପାଣି ପାଣିଗ୍ରାହୀ ପାର୍ବତୀଙ୍କ ବାପା ହୋଇ ଅନନ୍ଦେଶ୍ୱର ମନ୍ଦିରରେ ବିବାହ କରାଇଥିଲେ। ଧବଳେଶ୍ୱର ଓ ଅନନ୍ଦେଶ୍ୱର ମନ୍ଦିରରେ ରାତ୍ର ବିବାହ ଭୋଜି ବା ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ଶନିବାର ଶ୍ରଦ୍ଧାଳୁମାନେ ଦେବ ଦମ୍ପତିଙ୍କୁ ଦର୍ଶନ କରିଥିଲେ।




ମହାପ୍ରଭୁଙ୍କ ବିବାହ ଶୋଭାଯାତ୍ରା।

## ସଂକ୍ଷେପରେ

### ଯାତ୍ରା ଦେଖି ଫେରୁଥିବାବେଳେ ଜୀବନ ଗଲା

ଫୁଲବାଣୀ ଅଫିସ, ଫିରିଙ୍ଗିଆ,୮।୬- ଫିରିଙ୍ଗିଆରେ ଯାତ୍ରା ଦେଖି ଫେରୁଥିବାବେଳେ ଦୁର୍ଘଟଣାରେ ଜଣେ ବାଇକ ଚାଳକ୍ ଗୁରୁତର ହୋଇଛନ୍ତି। ସେ ହେଲେ ପବିଙ୍ଗିଆ ପଞ୍ଚାୟତର ପ୍ରସନ୍ନ କହଁର। ବନ୍ଧଗଡ ଯାତ୍ରା ଦେଖି ପ୍ରସନ୍ନ ବାଇକରେ ଫେରୁଥିବାବେଳେ ରରଙ୍ଗ ସ୍କୁଲ ନିକଟରେ ରାତି ପ୍ରାୟ ସାଢେ ୧୦ଟାରେ ତାଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ବାଇକ ପଛରେ ବସିଥିବା ପିତାବାଲି ବ୍ଲକର ପଙ୍କଜ ପ୍ରଧାନ ଗୁରୁତର ହୋଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଆସିକା,୮।୬(ଡି.ଏନ୍.ଏ.)- ଆସିକା-ବ୍ରହ୍ମପୁର ୫୯ନଂ. ଜାତୀୟ ରାଜପଥର ନଳବଣ୍ଟା ପୋଲ ନିକଟରେ ଶୁକ୍ରବାର ମଧାହ୍ନ ପ୍ରାୟ ୧ ଘଣ୍ଟା ସମୟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବ୍ରହ୍ମପୁର ବିଦ୍ୟୁତପୁରୀ କଲୋନୀ ନିବାସୀ ସୁଦର୍ଶନ ଭୂୟାଁ (୫୯)। ସୁଦର୍ଶନ ସାଉଥ୍‌କୋରେ ଲାଇନମ୍ୟାନ ଭାବେ ବ୍ରହ୍ମପୁରରେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ମଧାହ୍ନରେ ବାଇକ ଯୋଗେ ସେ ନିଜ ଗାଙ୍ଗପୁର ଥାନା ଖଇରପୁଟିକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଉଦ୍ଧାର କରି ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଆସିକା ସରକାରୀ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ଏନେଇ ଆସିକା ଥାନାରେ ନଂ.୧୮୦/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତେବେ ଦୁର୍ଘଟଣା ଘଟାଇଥିବା ଗାଡିର ପତ୍ତା ମିଳିନାହିଁ।

### ଅଟୋ- ବାଇକ୍ ଦୁର୍ଘଟଣା, ୬ ଆହତ

ଦାରିଙ୍ଗବାଡି।୬(ଡି.ଏନ୍.ଏ.)- ଦାରିଙ୍ଗବାଡି ଥାନା କଲେଜ ରୋଡରେ ଶନିବାର ଅଟୋ ଓ ବାଇକ ମୁହାଁମୁହିଁ ହେବାରୁ ୬ଜଣ ଆହତ ହୋଇଛନ୍ତି। ପ୍ରକାଶଯେ ପାକାଲମାହା ଗ୍ରାମର ଟାମୂଲା ସୁଆଲ ସିଂ(୫୦) ଓ ସ୍ତ୍ରୀ ସୁଜାତା ସୁଆଲ ସିଂ (୪୦)ସହ ଗ୍ରାମର କିରଣ ସୁଆଲ ସିଂ(୩୩) ବାଇକ (ନଂ.ଓଡି ୦୭ଡି-୫୭୦୯)ରେ ଦାରିଙ୍ଗବାଡି ଆସୁଥିଲେ। ଦନେକବାଡି ପଞ୍ଚାୟତ ଅଞ୍ଚଳରୁ କେତେଜଣ ଲୋକେ ଅଟୋ (ନଂ.ଓଡି ୧୨ ୫୭୫୬)ରେ କୁପିବାଡି ଯାଉଥିଲେ। କଲେଜ ରୋଡରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ ଚାଳକ ସମେତ ଅଟୋରେ ଯାଉଥିବା ସିପୁବାଡି ଗ୍ରାମର ଗିଙ୍କୁ ବଳିଆରସିଂ(୨୦), ରାହୁଲ ନାୟକ(୧୯) ଓ ପ୍ରିୟଙ୍କା ପ୍ରଧାନ(୧୪) ଆହତ ହୋଇଥିଲେ। ଟାମୁଲାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲିଗୁଡା ସ୍ଥାନନ୍ତର କରିବାକୁ ପରାମର୍ଶ ଦେଇଥିବା ଜଣାପଡିଛି।

### ଦୁର୍ଘଟଣା ନେଲା ଜୀବନ

# ପୁଅ ଜନ୍ମଦିନରେ ଜଳିଲା ମା'ଙ୍କ ଜୁଇ

ଫୁଲବାଣୀ ଅଫିସ, ୮।୬

ଶନିବାର ପୁଅର ଜନ୍ମଦିନ ପାଳନ ପାଇଁ ପରିବାର ଲୋକେ ପ୍ରସ୍ତୁତିସାରିଥିଲେ। ମା' ବାପା ଓ ପୁଅ ମିଶି ଶୁକ୍ରବାର ରାତିରେ ବଜାର ଯାଇ ଡ୍ରେସ ଏବଂ ଅନ୍ୟାନ୍ୟ ସାମଗ୍ରୀ କିଣିଥିଲେ। ଜନ୍ମ ଦିନ ଲାଗି ସମ୍ପର୍କୀୟଙ୍କୁ ନିମନ୍ତ୍ରଣ କରିବାକୁ ଗଲାବେଳେ ସ୍ଥାନୀୟ ନାରାୟଣୀ ମନ୍ଦିର ଛକରେ ଘଟିଲା ଦୁର୍ଘଟଣା। ଦ୍ରୁତ ଗତିରେ ଆସି ଏକ କାର ମା' ପୁଅଙ୍କୁ ଧକ୍କା ଦେଲା। ଏଥିରେ ମା' ଲକ୍ଷ୍ମୀପ୍ରିୟା ମୁନୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ପୁଅ କୁମାର ଆଶୁତୋଷ ଗୁରୁତର ହୋଇଥିଲେ। ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଆଶୁତୋଷଙ୍କ ଚିକିତ୍ସା ଚାଲିଛି। ସେପଟେ ପୁଅର ଜନ୍ମ ଦିନରେ ଜଳିଛି ମା' ଲକ୍ଷ୍ମୀପ୍ରିୟାଙ୍କ ଜୁଇ। ଗଞ୍ଜାମ ଜିଲା ଦିଗପହଣ୍ଡି ଭ୍ରମରପୁରରେ ଲକ୍ଷ୍ମୀପ୍ରିୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ଘଟିଥିଲା ଏହି ଦୁର୍ଘଟଣା। ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ପ୍ରଥମେ ଗାନ୍ଧୀଛକରେ କିଛି ଯୁବକଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯିବାକୁ ଉଦ୍ୟମ ବେଳେ ନାରାୟଣୀ ମନ୍ଦିର ଛକ ପାଖରେ ଲକ୍ଷ୍ମୀପ୍ରିୟା ଏବଂ ଆଶୁତୋଷଙ୍କୁ ଧକ୍କା ଦେଇଥିଲେ। ସେଠାରୁ ଖସିଯିବା ବେଳେ ଗାଡି ଚକା ମାଦିକୁନ୍ଦା ଛକ ପାଖରେ ପଂକଚର ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆଶୁତୋଷଙ୍କୁ ପ୍ରଥମେ ମେଡିକାଲ ନେଇ ଯାଇଥିଲେ। ଲକ୍ଷ୍ମୀପ୍ରିୟାଙ୍କୁ ଉଦ୍ଧାର କରି ନେବାବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଦୁର୍ଘଟଣାରେ ୮ ଆହତ ହୋଇଥିବା ବେଳେ ୭ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଏହି ଘଟଣାରେ ଡ୍ରାଇଭର ଖଜୁରିପଡା ବ୍ଲକ ବଲସକୁମ୍ପା ସୁନ୍ଦରଗଡର ରୁନା ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।


ମୃତ ଲକ୍ଷ୍ମୀପ୍ରିୟା ପୁଅଙ୍କ ସହ (ଫାଇଲ ଫଟୋ)।

# ଗଞ୍ଜେଇ ସହ କାର ଜବତ, ଜଣେ ଗିରଫ

ବାଲିଗୁଡା,୮।୬(ଡି.ଏନ୍.ଏ.)

ବାଲିଗୁଡା ସ୍ଥିତ ଖଜୁରୀନାଳଠାରେ ଶୁକ୍ରବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏକ କାରରୁ ଗଞ୍ଜେଇ ଜବତ କରିବା ସହ ଗାଡି ଚଲାଉଥିବା ମାଲିକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ସିନ୍ଦ୍ରିଗାଁର ରବୀନ୍ଦ୍ର ଦିଗାଳ।

ପ୍ରକାଶ ଯେ, ଶୁକ୍ରବାର ବାଲିଗୁଡା ପୋଲିସ ରାତି ପାଟ୍ରୋଲିଂ କରୁଥିବାବେଳେ ଖଜୁରିନାଳଠାରେ ଏକ କାର (ନଂ.ଓଆର୦୫ଏଇ-୩୮୦୦)କୁ ଅଟକାଇଥିଲା। ଯାଞ୍ଚବେଳେ କାର ଡିକିରେ ଗଞ୍ଜେଇ ଥିବା ଜଣାପଡିଥିଲା। କାର ସହ ରବୀନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଥିଲା। ଏହି ଗଞ୍ଜେଇ ନୟାଗଡକୁ ଚାଲାଣ ହେଉଥିବା ସେ କହିଥିଲେ। କାରରୁ ୩୨କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏକ ଖବରଦାତା ସମ୍ମିଳନୀରେ ବାଲିଗୁଡା ଥାନା ଅଧିକାରି ପ୍ରଶାନ୍ତ କୁମାର ବେହେରା ଏହି ସୂଚନା ଦେଇଛନ୍ତି। ଏନେଇ ନଂ.୮୦/୧୯ରେ ମାମଲା ରୁଜୁକରି ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସଆଇ ଏ. ଖାଲକୋ ସୂଚନା ଦେଇଛନ୍ତି।


ଜବତ କାର ଓ ଗଞ୍ଜେଇ ସହ କାର ମାଲିକ।

# ବଜ୍ରପାତରେ ୨୭ ଗୋରୁ, ୯ ମେଣ୍ଢା ମୃତ


ଦିଗପହଣ୍ଡିରେ ମରି ପଡ଼ିଥିବା ଗୋରୁ।

ଦିଗପହଣ୍ଡି/ପାତ୍ରପୁର,୮।୬ (ଡି.ଏନ.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଶନିବାର ବଜ୍ରପାତରେ ୨୭ ଗୋରୁଙ୍କ ମୃତ୍ୟୁ ହୋଇଥିବାବେଳେ ୯ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଦିଗପହଣ୍ଡି ବ୍ଲକ ଭ୍ରମରପୁର ପଞ୍ଚାୟତ ବାଲିବାଡ ଗାଁ ନିକଟରେ ଶନିବାର ବଜ୍ରପାତରେ ୧୪ ବଳଦ, ୨ ଗାଈ ଓ ଗୋଟିଏ ବାଛୁରିର ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ୩ଟାରେ କାଳବୈଶାଖି ପ୍ରଭାବରେ ଝଡତୋଫାନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ଗାଁ ନିକଟ ଏକ ପଣସ ଗଛ ମୂଳରେ ଅରଖପଦା ଗାଁର ନିରଞ୍ଜନ ଶବର, ଘାସି ଶବର, ବବିନା ଶବର, ଗାଙ୍ଗିନି ଶବର, ସନିଆ ଶବର, ରାମଚନ୍ଦ୍ର ଶବର, ପୁନି ଶବର, ବାଲାଜୀ ଶବର, ସେଡେଙ୍ଗ ଶବର ଏବଂ ବାଲିବାଡ ଗାଁର ହାଡିଆ ଦଳେଇ, ମୋହନ ଦଳେଇ, ଲୁଲା ନାୟକ, ଜୁରିଆ ନାୟକ ଓ ସମ୍ବାରୁ ନାୟକଙ୍କ ବଳଦ, ଗାଈ ଓ ବାଛୁରୀ ଥିବା ବେଳେ ବଜ୍ରପାତ ଘଟିଥିଲା। ଘଟଣାସ୍ଥଳରେ ୧୭ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦିଆଯିବା ସହ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଅବଗତ କରାଯାଇଛି। ସେହିପରି ପାତ୍ରପୁରର ପଦାଦିଗୀ ବଗୀ ନଦୀ ନିକଟରେ ଚରୁଥିବା ୧୦ ଗୋରୁଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତ ଗୋରୁ ଗୁଡିକ ମଧ୍ୟରେ ମର୍ଦ୍ଦରାଜପୁର ଗ୍ରାମ ରାଜେନ୍ଦ୍ର ପ୍ରଧାନଙ୍କ ୫ ଗାଈ, ଘନ ପ୍ରଧାନଙ୍କ ୨ ଗାଈ ଓ ଗୋଟିଏ ବାଛୁରୀ ଓ କେଲୁଆ ଗ୍ରାମର ଗୋପାଳ ପ୍ରଧାନଙ୍କ ଗୋଟିଏ ଗାଈ ଓ ଗୋଟିଏ ବାଛୁରୀ ଥିବା ଜଣା ପଡିଛି।

ପୋଲସରାର ମଧୁପଲୀ ପଞ୍ଚାୟତସ୍ଥିତ ସୁନାରୀ ବୁଗୁଡ଼ା ଗ୍ରାମର ଏକ ଆମ୍ବ ତୋଟାରେ ୨୦ରୁ ଉର୍ଦ୍ଧ୍ୱ ଛେଳି ଓ ମେଣ୍ଢା ରହିଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ୯ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୭ଟି ମେଣ୍ଢା ଓ ଛେଳି ଆହତ ହୋଇଥିଲେ। ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ନରେଶ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଆହତ ମେଣ୍ଢା ଓ ଛେଳିମାନଙ୍କୁ ଚିକିତ୍ସା କରିଥିଲେ। କେ. ଅରକ୍ଷିତ ପାତ୍ରଙ୍କ ଗୋଟିଏ, ଡି. କାଳୁ ପାତ୍ରଙ୍କ ୩, ଦଣ୍ଡ ପାତ୍ରଙ୍କ ୨, କେ. ଜଗନ୍ନାଥ ପାତ୍ରଙ୍କ ୩ ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

# ନିଖୋଜ ପାଇଲଟଙ୍କ ସୁରକ୍ଷିତ ଠାବ ନେଇ ପୂଜାର୍ଚ୍ଚନା

ଆସିକା,୮।୬(ଡି.ଏନ୍.ଏ.)

ଭାରତୀୟ ବାୟୁସେନାର ଆସାମର ଜୋରହାଟରୁ ଉଡାଣ ପରେ ନିଖୋଜ ହୋଇଥିବା ଏଏନ୍-୩୨ ବିମାନରେ ଓଡିଆ ପାଇଲଟ୍ ସୁନିତ୍ ମହାନ୍ତି ଥିବା ଜଣାପଡିବା ପରେ ଗୁରୁବାର ଠାରୁ ଆସିକା ଅଞ୍ଚଳରେ ଏହାକୁ ନେଇ ଉତ୍କଣ୍ଠା ବୃଦ୍ଧି ପାଇଛି। ସୁନିତଙ୍କ ସମେତ ବିମାନର ଅନ୍ୟ ସମସ୍ତ ସଦସ୍ୟଙ୍କ ସୁରକ୍ଷିତ ଠାବ ନେଇ ଶୁକ୍ରବାର ପୂର୍ବାହ୍ନରେ ସୁନିତ୍‌ଙ୍କ ପୈତୃକ ଗ୍ରାମ କବିସୂର୍ଯ୍ୟନଗର ବ୍ଲକ ବଳିଆପଲ୍ଲୀ ଠାରେ ପୂଜାର୍ଚ୍ଚନା କରାଯାଇଛି। ଗ୍ରାମର ମହିଳାମାନେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଗହଣରେ ପଣାପାଣି ସହ ଠାକୁରାଣୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରି ଦୀପ ଜାଳିଥିଲେ। ଗ୍ରାମର ବହୁ ବ୍ୟକ୍ତି ମଧ୍ୟ ସଂକୀର୍ତ୍ତନ ସହ ଠାକୁରାଣୀ ପୀଠକୁ ଯାଇ ନିଖୋଜ ବିମାନର ସମସ୍ତ ଆରୋହୀଙ୍କ ମଙ୍ଗଳ କାମନା କରିଥିଲେ। ସେହିଭଳି ଶୁକ୍ରବାର ସନ୍ଧ୍ୟାରେ ଆସିକାର ଆରାଧ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଦୀପଲାଗି କରାଯିବା ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଶୁକ୍ରବାର ଦିଲ୍ଲୀଠାରେ ନିଖୋଜ ସୁନିତ୍‌ଙ୍କ ପରିବାର ସହ କଥା ହୋଇ ସମବେଦନା ଜଣାଇଥିଲେ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଏମ୍‌ପି ବିଷୋୟୀ ଏକ ବ୍ୟକ୍ତିଗତ ପତ୍ରରେ ନିଖୋଜ ସୁନିତଙ୍କ ସହ ଅନ୍ୟ ଆରୋହୀଙ୍କ ସୁରକ୍ଷିତ ଅବସ୍ଥିତି ଠାବ ନେଇ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ଲାଗି ଅନୁରୋଧ କରିଥିବା ତାଙ୍କ ସହଯୋଗୀ ପୂର୍ବତନ ଗଞ୍ଜାମ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ ସୂଚନା ଦେଇଛନ୍ତି।


ପାଇଲଟ୍ ସୁନିତ୍‌ଙ୍କ ପାଇଁ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
ଅଣ-ବ୍ୟାଙ୍କିଙ୍ଗ୍ ପର୍ଯ୍ୟବେକ୍ଷଣ ବିଭାଗ, ଭୁବନେଶ୍ୱର

ସାବଧାନ !!!
ଆପଣଙ୍କ କଷ୍ଟ ଅର୍ଜିତ ଧନର ବିନିଯୋଗ/ ଜମା କରିବା ପୂର୍ବରୁ ଚିନ୍ତା କରନ୍ତୁ !!!
ଲୋଭ ଦୁଃଖର କାରଣ

୧. ଆପଣଙ୍କ କଷ୍ଟଲବ୍ଧ ଧନକୁ କୌଣସି ସଂସ୍ଥାରେ ଜମା କରିବା ପୂର୍ବରୁ ଉକ୍ତ ସଂସ୍ଥା ଆର ବି ଆଇ/ସେବି/ଏନ୍ ଏଚ୍ ବି/ଆଇ ଆର ଡ଼ି ଏ ଆଇ/ରାଜ୍ୟ ସରକାରଙ୍କ ଅଧିନରେ ପଞ୍ଜିକୃତ ବୋଲି ସୁନିଶ୍ଚିତ କରନ୍ତୁ।
୨. ପ୍ରୋସେସିଂ ଫିଜ୍, ଟ୍ୟାକ୍ସ କିମ୍ବା ଅନ୍ୟାନ୍ୟ ଖର୍ଚ୍ଚ ନାମରେ ଟଙ୍କା ଜମା ପାଇଁ ଏସ୍ ଏମ୍ ଏସ୍/ ଇ-ମେଲ୍/ଫୋନ କଲ୍ କିମ୍ବା ସୋସିଆଲ୍ ମିଡ଼ିଆ ଯେପରିକି ଫେସବୁକ୍, ହ୍ୱାଟ୍ସଆପ୍ ଇତ୍ୟାଦି ମାଧ୍ୟମରେ ଯଚା ଯାଉଥିବା ଉପହାର/ଲଟେରୀ ପ୍ରାଇଜ୍ ମନି/ଲୋନ୍ ଇତ୍ୟାଦି ପ୍ରତି ପ୍ରଲୋଭିତ / ଆକର୍ଷିତ ହୁଅନ୍ତୁ ନାହିଁ। ମନେରଖନ୍ତୁ, ଏହି ସବୁ ପ୍ରସ୍ତାବ କେବଳ ଠକାମି ଛଡ଼ା ଅନ୍ୟ କିଛି ନୁହେଁ।
୩. ଆର ବି ଆଇ/ଆଇ ଆର ଡ଼ି ଏ ଆଇ / ଆୟକର ବିଭାଗ ଇତ୍ୟାଦିର ନାମକୁ ବ୍ୟବହାର କରି ଟଙ୍କା ବିନିଯୋଗ କରିବା ଏବଂ ବୋନସ୍/ଅଧିକ ଲାଭ/ଅଧିକ ରିଟର୍ଣ୍ଣ/ଉପହାର ଇତ୍ୟାଦି ପ୍ରଦାନ କରିବା ପାଇଁ ଉତ୍ସାହିତ କରୁଥିବା ନକଲି ଫୋନ କଲ୍ ଏବଂ ଇ-ମେଲ୍ ଠାରୁ ସାବଧାନ ରୁହନ୍ତୁ।
୪. କୌଣସି କମ୍ପାନୀ ସଂଗୃହିତ ଜମାରାଶି ଉପରେ ବାର୍ଷିକ ୧୨.୫% ରୁ ଅଧିକ ସୁଧ ପ୍ରଦାନ କରି ପାରିବ ନାହିଁ। ଅଧିକ ସୁଧର ପ୍ରତିଶୃତି ମାନେ ହିଁ ଜାଣିବେ ଅଧିକ ବିପଦ।
୫. ବହୁ ରାଜ୍ୟ (ମଲ୍ଟି ଷ୍ଟେଟ୍) ସମବାୟ ସମିତି ଗୁଡ଼ିକ ଦ୍ୱାରା ଜନସାଧାରଣଙ୍କ ଠାରୁ / ନାମମାତ୍ର ସଭ୍ୟ ଆଦିଙ୍କ ଠାରୁ ଜମା ଗ୍ରହଣ କରିବା ନିଷିଦ୍ଧ କରାଯାଇଛି।

ଦୁଃଖ ଭୋଗିବା ଅପେକ୍ଷା ନିରାପଦରେ ରହିବା ଭଲ।

ଅଧିକ ଜାଣିବା ପାଇଁ ଏହି ଟେଲିଫୋନ ନମ୍ବର ଅଥବା ଇ-ମେଲ୍‌ରେ ଯୋଗାଯୋଗ କରନ୍ତୁ।
ଭାରତୀୟ ରିଜର୍ଭ ବ୍ୟାଙ୍କ : 1800-345-7154, ଇ-ମେଲ୍ : dnbsbhubaneswar@rbi.org.in
ଏବଂ https://sachet.rbi.org.in ଦେଖନ୍ତୁ।

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜନହିତରେ ଜାରୀ










2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ